## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ବାଲିକୁଦା,୨୬।୭(ସ୍ୱ.ପ୍ର.):** ବାଲିକୁଦା ଥାନା ଅଳାଭର ପଞ୍ଚାୟତ କଣିଆ ଗାଁରେ ନାଗ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଜ୍ଜ୍ୱଲତା ମହାନ୍ତି(ବୁଢ଼ିଆ)। ଦୁଇ ଦିନ ତଳେ ମଧ୍ୟାହ୍ନରେ ବୁଢ଼ିଆ ଘର ବାରଣ୍ଡାରେ ଶୋଇଥିବାବେଳେ ଏକ ନାଗ ସାପ ତାଙ୍କ ବାମ ଗୋଡ଼କୁ ଚୋଟ ମାରିଥିଲା। ବୁଢ଼ିଆ ଚମକି ପଡି ଉଠିଯିବା ସହ ତାଙ୍କୁ ସାପ କାମୁଡିଦେଲା ବୋଲି ଡାକ ପକାଇଥିଲେ। ସଙ୍ଗେ ସଙ୍ଗେ ପଡ଼ିଶା ଘରର ଜଣେ ମହିଳା ଏକ ଅଟୋ ଡାକି ତାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ପହଞ୍ଚିବାବେଳକୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ବିରିଡ଼ିଠାରେ ମୃତ୍ୟୁ ଘଟିଥିଲା। ତେଣୁ ପୁଣି ତାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ନିଆଯାଇଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରାୟ ୨୫ ବର୍ଷ ତଳେ ସେ ବିବାହ କରିଥିବାବେଳେ ସ୍ୱାମୀ ତାଙ୍କୁ ଛାଡ଼ି ଅନ୍ୟ ଜଣଙ୍କୁ ବିବାହ କରିଥିଲେ। ତେଣୁ ନିଜର ଗୋଟିଏ ପୁଅ ଓ ଝିଅକୁ ଧରି ସେ କଣିଆସ୍ଥିତ ବାପଘରକୁ ଚାଲି ଆସିଥିଲେ।

### ଗଗନ ପୃଷ୍ଟି ହେଲେ ବିଧାୟକଙ୍କ ଜିଲା ପ୍ରତିନିଧି



**ତିର୍ତ୍ତୋଲ,୨୬।୭(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ସାମନ୍ତରାପୁର ପଞ୍ଚାୟତର ଗଗନ ବିହାରୀ ପୃଷ୍ଟିଙ୍କୁ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଜିଲା ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ପୃଷ୍ଟି ୨୦୦୯ରୁ ୨୦୧୩ ପର୍ଯ୍ୟନ୍ତ ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତଙ୍କର ମଧ ପ୍ରତିନିଧି ରହିଥିଲେ। ଜଣେ ଶ୍ରମିକ ଓ କର୍ମଚାରୀ ନେତା ଭାବରେ ସେ ଜଣାଶୁଣା। ଚାକିରି କାଳରେ ଆଇଏନଟିୟୁସି ଅନୁବନ୍ଧିତ ପାରାଦୀପ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରହିବା ସହ ପାରାଦୀପ ଅଫିସର୍ସ ଆସୋସିଏଶନର ସମ୍ପାଦକ ଏବଂ ଅବସର ପରେ ପାରାଦୀପ ପେନସନର୍ସ ଆସୋସିଏଶନର ପ୍ରତିଷ୍ଠାତା ସଭାପତି ଭାବରେ ଦାୟିତ୍ୱ ତୁଲାଇଥିଲେ। ଏଥିସହ ପାରାଦୀପ କର୍ମଚାରୀ ଋଣ ସମବାୟ ସମିତିର ପ୍ରତିଷ୍ଠାତା ପରିଚାଳକ, 'ହିନ୍ଦ୍ ମଜଦୁର ସଭା' ଓଡ଼ିଶା ନିର୍ମାଣ ଶ୍ରମିକ ମହାସଂଘର ଉପସଭାପତି, ଓଡ଼ିଶା ଭାଗବତ ଟୁଙ୍ଗୀ ପ୍ରଚାର ସମିତିର ମୁଖ୍ୟ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛନ୍ତି।

### ଅସଦାଚରଣ ଘଟଣାରେ ପୀଡ଼ିତାଙ୍କ ବୟାନ ରେକର୍ଡ

**ବାଲିକୁଦା,୨୬।୭(ସ୍ୱ.ପ୍ର.):** ବାଲିକୁଦା ଥାନା ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟରେ ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିବା ଘଟଣାରେ ଶୁକ୍ରବାର ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଧାରା ୧୬୪ ଅନୁଯାୟୀ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ଶ୍ରେଣୀଗୃହରେ ଶିକ୍ଷକ ସୁଶିଲ କୁମାର ରାୟ ଛାତ୍ରୀଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ପୋକ୍ସୋ ଆକ୍ଟରେ ମାମଲା ନଂ. ୧୪୨/୧୯ ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଗୁରୁପୂଜନ ଉତ୍ସବ

**ତିର୍ତ୍ତୋଲ,୨୬।୭(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଜୟପ୍ରକାଶ ମଇଦାନସ୍ଥିତ କୁମାର ଉତ୍ସବ ସମିତି ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସାରଳା ଦାସ ପ୍ରଭାତ ଶାଖା ଆନୁକୂଲ୍ୟରେ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଶାଖାର ମୁଖ୍ୟ ଶିକ୍ଷକ ସୁନୀଲ ଦତ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ତଥା ପୂର୍ବତନ ସଞ୍ଚାଳକ ବେଣୁଧର ବିଶ୍ୱାଳ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ବୌଦ୍ଧିକ ଜ୍ଞାନ ପ୍ରଦାନ କରିଥିଲେ। ତିର୍ତ୍ତୋଲ ଖଣ୍ଡ ଶାରୀରିକ ପ୍ରମୁଖ ସ୍ମୃତିରଞ୍ଜନ ରାୟ, ଅର୍ଦ୍ଧେନ୍ଦୁ ବିଶ୍ୱାଳ, ଚୌଧୁରୀ ବିଜୟ ସୂତାର, ବିରଞ୍ଚି ନାରାୟଣ ମହାପାତ୍ର, ରାଜକିଶୋର ବେଉରା, ସନ୍ତୋଷ ମହାପାତ୍ର, ଅଂଶୁମାନ ଦାଶ, ତାପସ ବିଶ୍ୱାଳ ଉପସ୍ଥିତ ଥିଲେ।

# ଗହୀର ମଝିରେ ଭାଙ୍ଗିଲା ୮ ବିଦ୍ୟୁତ୍ ଖୁଣ୍ଟ

**ବାଲିଆ,୨୬।୭**

ଫନୀ ବାତ୍ୟା ପରେ ବିଦ୍ୟୁତ୍ ଖୁଣ୍ଟ, ତାର ଆଦି ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ରଘୁନାଥପୁର ବିଦ୍ୟୁତ୍ ସେକ୍ସନ ଅଧୀନ ମାଣପୁରରେ। ଏହି ଗାଁର ଗହୀର ମଝିରେ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବା ୮ଟି ଖୁଣ୍ଟ ଭାଙ୍ଗି ଯାଇଛି। ତାରଗୁଡିକ ଛିଣ୍ଡି ଏଣେତେଣେ ପଡିଛି। ଫଳରେ ୨ଦିନ ହେଲା ବିରିଡ଼ି ବ୍ଲକର ଅରଣା, ମାଳିଅଞ୍ଚ, ଗୋଠପଦା, ପାଇକରାବାଟି, ବଡ଼ଖଣ୍ଡାୟତା, ବେଲେଶ୍ୱରପୁର, ଗଡମା ବଜାର ସମେତ କଟକ ସଦର ବ୍ଲକର ବୋଧପୁର, ପାଇକଣ, ନାନପୁର, ମାଣପୁର, ସରପୁର, ସିଉଳି ଆଦି ମୌଜା ଅନ୍ଧାରରେ ରହିଛି। ଏହାକୁ ନେଇ ସାଧାରଣରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏ ବାବଦରେ ଲକ୍ଷାଧିକ ଟଙ୍କା ପାଣିରେ ପଡିଥିବା ଅଭିଯୋଗ ହେଉଛି।



ଗହୀର ମଝିରେ ଭାଙ୍ଗି ପଡ଼ିଥିବା ବିଦ୍ୟୁତ ଖୁଣ୍ଟ।

■ **ନିମ୍ନମାନର କାମ ପାଇଁ ପାଣିରେ ପଡ଼ିଲା ଲକ୍ଷାଧିକ ଟଙ୍କା**

■ **ବିଦ୍ୟୁତ୍ ବିଚ୍ଛିନ୍ନ, ସମଗ୍ର ଅଞ୍ଚଳ ଅନ୍ଧାର**

ପ୍ରକାଶ ଯେ, ସେସୁ ପକ୍ଷରୁ ଠିକାଦାର ନିଯୁକ୍ତ କରାଯାଇ ବାତ୍ୟା ପରେ ଉକ୍ତ ଅଞ୍ଚଳରେ ଖୁଣ୍ଟ ପକାଯାଇ ୧୧ କେଭି ତାର ଟଣାଯାଇଥିଲା। ମାତ୍ର ଖୁଣ୍ଟ ପୋତାଯିବା ବେଳେ ଠିକାଦାର, ଯନ୍ତ୍ରୀ ଓ ଅଧିକାରୀଙ୍କ ସଲାସୁତରା ଯୋଗୁ ଠିକ୍ ଭାବେ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ହୋଇଛି। ଅଳ୍ପ ଗାତ ଖୋଳି ଖୁଣ୍ଟ ପୋତାଯାଇଥିବା ବେଳେ ଖୁଣ୍ଟ ମୂଳ ଢଳେଇ କରାଯାଇ ନ ଥିଲା। ବେପରୁଆ ଭାବେ ଏଭଳି କାର୍ଯ୍ୟ କରାଯାଇଥିବାରୁ ଏଭଳି ଅବସ୍ଥା ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଭଙ୍ଗା ଖୁଣ୍ଟଗୁଡିକ ଗହିର ମଧ୍ୟରେ ପଡିରହିଥିବା ବେଳେ ପୁଣି ଥରେ ବିଭାଗ ପକ୍ଷରୁ ଅନ୍ୟ ଜଣେ ଠିକାଦାରଙ୍କୁ ଧରି ଅଲଗା ବାଟ ଦେଇ ୧୧ କେଭି ତାର ଟାଣିବାକୁ ଉଦ୍ୟମ ଚାଲିଛି। ତେବେ ନୂତନ ଭାବେ ପୋତାଯାଉଥିବା ଖୁଣ୍ଟର ସ୍ଥାୟୀତ୍ୱକୁ ନେଇ ମଧ ସନ୍ଦେହ ପ୍ରକାଶ ପାଇଛି। କାରଣ ଏହି ଖୁଣ୍ଟ ମଧ ଠିକ୍ ଭାବେ ପୋତାଯାଉ ନାହିଁ କି ମୂଳ ଢଳେଇ କରାଯାଉନାହିଁ। ଏ ସମ୍ପର୍କରେ ରଘୁନାଥପୁର ସେସୁ କନିଷ୍ଠ ଯନ୍ତ୍ରୀ ଭବାନି ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ ଯେଉଁ ବାଟ ଦେଇ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା ବର୍ଷା ଯୋଗୁ ସେ ବାଟେ ବିଦ୍ୟୁତ ତାର ଟାଣିବା ସମ୍ଭବ ହେଉନାହିଁ। ତେଣୁ ବାଧହୋଇ କଟକ ପାରାଦୀପ ରାସ୍ତା କଡରେ ଖୁଣ୍ଟ ପକାଇ ବିଦ୍ୟୁତ୍ ସଂଯୋଗ ଦେବାକୁ ଯୋଜନା କରିଛୁ।





କାର୍‌ଗିଲ୍ ବିଜୟ ଦିବସ ପାଳନ ଅବସରରେ ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁ ମନ୍ଦିରର ପିଲାମାନେ।

# ଶିଶୁ ବିଦ୍ୟାମନ୍ଦିରରେ କାର୍‌ଗିଲ ବିଜୟ ଦିବସ

**ବାଲିଆ,୨୬।୭**

ବିରିଡ଼ି ବ୍ଲକ କୁଳକଇଜଙ୍ଗା ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ୨ ଦିନିଆ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ଦିବସରେ ବିଦ୍ୟାଳୟର ଏନ୍‌ସିସି ଛାତ୍ରମାନଙ୍କୁ ନେଇ ପରେଡ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡୁ ଛାତ୍ରୀଛାତ୍ରଙ୍କୁ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଭାରତର ବୀର ସୈନିକମାନେ ପଡୋଶୀ ପାକିସ୍ତାନ ସେନାକୁ ପରାସ୍ତ କରି କାରଗିଲ ଘାଟିକୁ ନିଜ ଦଖଲକୁ ଆଣିବାରେ ଯେଉଁ ସାହସ ଓ ପରାକାଷ୍ଠା ଦେଖାଇଥିଲେ ତାହାକୁ ମନେ ପକାଇବା ପାଇଁ ଏହି କାରଗିଲ ବିଜୟ ଦିବସ ପାଳିତ ହେଉଛି ବୋଲି ପ୍ରକାଶ କରିଥିଲେ। ଆଚାର୍ଯ୍ୟ ଲୋଭାକାନ୍ତ ବେହେରା ଓ ଦିବ୍ୟଜ୍ୟୋତି ରାଉତରାୟଙ୍କ ନେତୃତ୍ୱରେ ପିଲାମାନେ ଏନ୍‌ସିସି ପରେଡ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଦିବସରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୯ମ ଶ୍ରେଣୀର ବିଜେନ୍ଦ୍ର ନାୟକ ୧ମ, କୌଶିକ ସାହୁ ୨ୟ, ରତନ ଜେଠୀ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଅଭିମନ୍ୟୁ ପରମାଣିକ, ନିହାର ରଞ୍ଜନ ମହାନ୍ତି, ନାରାୟଣ ବାରିକ, ଅୟସକାନ୍ତ ପତି, ବିଶ୍ୱ ବନ୍ଦିତା ସ୍ୱାଇଁ, ସାଗରିକା ସିଂ, ପ୍ରିୟଙ୍କା ରାଉତ, ମମତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ୧୧ ମାସ ପରେ ହେଲା ପରିଚାଳନା କମିଟି ବୈଠକ

# ଫିସ୍‌ଫେଡ୍‌କୁ ନେଇ ଅସନ୍ତୋଷ

**ପାରାଦୀପ,୨୬।୭(ସ୍ୱ.ପ୍ର.)**

ଦୀର୍ଘ ୧୧ ମାସ ପରେ ଶୁକ୍ରବାର ପାରାଦୀପ ମାଛଧରା ବନ୍ଦର ପରିଚାଳନା ସମିତିର ବୈଠକ ଅନୁଷ୍ଠିତ ହୋଇଛି। ସମିତିର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଫିସଫେଡ୍‌କୁ ନେଇ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ସଫିଂ ୟୁନିଟ୍, ୩ କୋଟି ଟଙ୍କା ବ୍ୟୟରେ ଆଉ ଏକ ଅକ୍ସନ୍ ହଲ୍ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ମତ୍ସ୍ୟଜୀବୀଙ୍କ ପାଇଁ ଆପତ୍ତକାଳୀନ ଆଲାରାମ କାମ ଚାଲିଛି। ତାହା ଶୀଘ୍ର ସାରିବାକୁ କୁହାଯାଇଥିଲା। ସମିତି ସମ୍ପାଦକ ତଥା ଏଡିଏମ୍ କାହ୍ନୁଚରଣ ଧିର ବୈଠକରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ମାନସ ରଞ୍ଜନ ସାହୁ, ଓମ୍ପା ସଭାପତି ସୁମନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ମତ୍ସ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୧ରୁ ରାଜ୍ୟ ସରକାର ମାଛଧରା ବନ୍ଦରକୁ ହାତକୁ ନେବା ପରେ ଏହି କମିଟି ଗଠନ କରିଛନ୍ତି। କମିଟିରେ ମତ୍ସ୍ୟଜୀବୀ ପରିବାରଙ୍କଠାରୁ ଆରମ୍ଭ କରି ଜିଲାପାଳ, ଏସ୍‌ପି, ବନ୍ଦର ଅଧକ୍ଷ ସଦସ୍ୟ ଅଛନ୍ତି। କମିଟିର ବୈଠକ ପ୍ରତି ୨ ମାସରେ ହେବା କଥା। ଶେଷ ବୈଠକ ଗତବର୍ଷ ଅଗଷ୍ଟରେ ବସିଥିଲା। ଏହାକୁ ନେଇ ସଦସ୍ୟ ଯଜ୍ଞ ରାଉତ ଆପତ୍ତି ଉଠାଇଥିଲେ। ଅନ୍ୟ ଏକ ପ୍ରସଙ୍ଗ ହେଲା, ଗତ ଜୁନ୍ ମାସରେ ରାଜ୍ୟ ସରକାର ରାଜ୍ୟର ସମସ୍ତ ମାଛଧରା ବନ୍ଦର ପରିଚାଳନା ଦାୟିତ୍ୱ ଫିସଫେଡକୁ ଦେଇଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପାରାଦୀପ ଓ ଧାମରାର ମତ୍ସ୍ୟଜୀବୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ମାତ୍ର ୮ ଦିନ ଫିସଫେଡ ଅଧୀନରେ ରହିବା ପରେ ସରକାର ପୁଣି ପାରାଦୀପ ଓ ଧାମରା ମାଛଧରା ବନ୍ଦରକୁ ନିଜ ହାତକୁ ଫେରାଇ ଆଣିଛନ୍ତି।

# ଫନୀରେ ଭାଙ୍ଗିଥିବା ଗଛ ସଫା କଲେ କଲେଜ କର୍ତ୍ତୃପକ୍ଷ

**ବାଲିକୁଦା,୨୬।୭(ସ୍ୱ.ପ୍ର.)**

ଫନୀ ବାତ୍ୟାରେ ବାଲିକୁଦା କଲେଜ ପରିସରରେ କେତେକ ଗଛ ଭାଙ୍ଗିପଡିଥିଲା। ସେତେବେଳେ କଲେଜ ବନ୍ଦ ଥିଲା। ଇତିମଧ୍ୟରେ ବାତ୍ୟାକୁ ୩ ମାସ ବିତିଥିବାବେଳେ କଲେଜ ଖୋଲିଲାଣି। କିନ୍ତୁ କଲେଜ ପରିସରରେ ଭାଙ୍ଗିପଡିଥିବା ଗଛ କଟାଯାଇ ନ ଥିବାରୁ ସେଗୁଡିକ ମରି ଶୁଖିଯାଇଥିଲା। ଏହା କଲେଜର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ବିପଦ ସୃଷ୍ଟି କରୁଥିଲା। ତେଣୁ କଲେଜ ପକ୍ଷରୁ ସେଗୁଡିକ କାଟି ଦିଆଯାଇଛି। ତେବେ ଗଛଗୁଡିକ ଗୋଚର ଜମିରୁ କଟାଯାଇଥିବା ଓ ତାହା ବେଆଇନ୍ ବୋଲି ଦର୍ଶାଇ ବାଲିକୁଦା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତେଣୁ ତହସିଲଦାର ଦୀପ୍ତିରେଖା ପାତ୍ର କଲେଜରେ ପହଞ୍ଚି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ଗଛଗୁଡିକ କଲେଜ ସୀମାରେ ଥିଲା ଓ ତାହା ସବୁ ମଲାଗଛ ବୋଲି ସେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ କଲେଜ ଅଧକ୍ଷ ଅକ୍ଷୟ କୁମାର ପାତ୍ର କହିଛନ୍ତି ଯେ ଗଛଗୁଡିକ କଲେଜ ପରିସରରେ ମରି ପଡିଥିଲା। ପିଲାଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବାରୁ କଲେଜ କାର୍ଯ୍ୟକାରୀ କମିଟି ପରାମର୍ଶ ଅନୁଯାୟୀ ସେହି ମଲାଗଛ କଟାଯାଇଛି। ତେବେ ଡାଳଗୁଡିକ କେହି କାଟି ନେଇଥିବାରୁ ମୂଳଗୁଡିକ ୮ ହଜାର ଟଙ୍କାରେ ବିକ୍ରି କରାଯାଇଛି। ଏହି ଟଙ୍କା ତହସିଲଦାରଙ୍କ ପରାମର୍ଶ କ୍ରମେ ଜମା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ବାଇକ ଶୋ'ରୁମ ଜଳିଗଲା, ମାଲିକ ଗୁରୁତର

**ଏରସମା,୨୬।୭(ସ୍ୱ.ପ୍ର.)**

ଏରସମା-ମଣିଜଙ୍ଗା ରାସ୍ତାର ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ଥିବା ଏକ ବାଇକ୍ ଶୋ'ରୁମ ଗୁରୁବାର ରାତିରେ ଜଳିଯାଇଛି। ଏହାର ମାଲିକ ମାଲିକ ତଳକୁସୁମା ଗ୍ରାମର ପ୍ରଦୀପ କୁମାର ଦାସ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଡାକ ବଙ୍ଗଳା ନିକଟରେ ତାଙ୍କର ପ୍ରଦୀପ ଅଟୋ ମୋବାଇଲ୍ସ ନାମରେ ଏକ ବାଇକ ଶୋ'ରୁମ ରହିଛି। ଗୁରୁବାର ରାତି ୯ଟାରେ ସେ ଶୋରୁମ ବନ୍ଦ କରି ଘରକୁ ଯାଇଥିଲେ। ରାତି ୧୧ଟାରେ ଶୋରୁମ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଡାକ ପକାଇଥିଲେ। ଏରସମା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଅନେକ ବାଇକ, ଗାଡ଼ି ପାର୍ଟ୍ସ, ମୋବିଲ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ପ୍ରଦୀପ ଶୋରୁମ ସଟର ଟେକିବାବେଳେ ଏକ ବଡ କାଚ ତାଙ୍କ ଉପରେ ଖସିପଡିଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଚିକିତ୍ସା ପାଇଁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡିନାହିଁ। ବିଦ୍ୟୁତ୍ ନ ଥିବାବେଳେ ଶର୍ଟ୍ ସର୍କିଟ ଯୋଗୁ ବର୍ଷା ରାତିରେ ନିଆଁ ଲାଗିବା ସମ୍ଭବ ନୁହେଁ। ତେଣୁ କେହି ଦୁର୍ବୃତ୍ତ ତାଙ୍କ ଶୋ'ରୁମ ପୋଡ଼ିଦେଇଥିବା ପ୍ରଦୀପଙ୍କ ଭାଇ ଦିଲୀପ ଏରସମା ଥାନାରେ ଅଭିଯୋଗ କରିଛନ୍ତି।



ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଶୋ'ରୁମ୍।

# କେନାଲ ସଫାକରି ରାସ୍ତାରେ ପକାଇଲେ ଆବର୍ଜନା



କେନାଲ ସଫା କରାଯାଇ ରାସ୍ତାରେ ଆବର୍ଜନା ପକାଯାଇଛି।

**ରଘୁନାଥପୁର, ୨୬। ୭ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଢୁଆ କଲେଜ ତଥା ହାଟଛକ ଦେଇ ପୁରୁଣାବସନ୍ତ ଅଭିମୁଖେ ଯାଇଥିବା ୮ ନଂ. କେନାଲକୁ ସଫେଇ କରାଯାଇ ସେଥିରୁ ବାହାରିଥିବା ଆବର୍ଜନାକୁ ରାସ୍ତାରେ ପକାଇ ଠିକାଦାର ପଳାଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୁଇଦିନ ଧରି ଅବିଶ୍ରାନ୍ତ ଲଗାଣବର୍ଷାରେ ପଥଚାରୀ ଅତିଷ୍ଠ ହୋଇ ପଡୁଥିବା ଦେଖିବାକୁ ମିଳିଛି। ମେଶିନ ଦ୍ୱାରା କେନାଲକୁ ସଫେଇ କରାଯାଇ ଏଥିରୁ ବାହାରୁଥିବା ଦଳ ଓ ଆବର୍ଜନାକୁ ରାସ୍ତାପାର୍ଶ୍ୱରେ ଗଦେଇ ଦିଆଯାଇଥିଲା। ଏଗୁଡିକ ଚଳପ୍ରଚଳ ସ୍ଥାନ ତଥା ଦୋକାନ ବଜାର ଓ ଜନବସତିଠାରୁ ସ୍ଥାନାନ୍ତର କରାଯିବାର ନିୟମ ରହିଥିଲେ ସୁଦ୍ଧା ଠିକାଦାର ଆବର୍ଜନାକୁ ରାସ୍ତାରୁ ନ ହଟାଇ ଚାଲିଯିବାକୁ ନାପସନ୍ଦ କରିଛନ୍ତି ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର, ସାମାଜିକ କର୍ମୀ ଗୋବିନ୍ଦ ଓଝା। ରାସ୍ତା ଦେଇ ଦୋକାନ ବଜାର, ସାପ୍ତାହିକ ହାଟ ଓ ଦୈନନ୍ଦିନ ସ୍ଥାନୀୟ କଲେଜକୁ ଛାତ୍ରୀଛାତ୍ରମାନେ ପଢିବାକୁ ଯାଇଥାନ୍ତି। ଆବର୍ଜନାରୁ ନିର୍ଗତ ଗନ୍ଧରେ ପଥଚାରୀଙ୍କ ନାକ ଫାଟି ପଡୁଥିବାବେଳେ ରାସ୍ତା ଉପରେ ବୋହି ଯାଇଥିବା ପଟୁ ବାଇକ୍ ଚାଳକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହାଛଡା ବର୍ଷାଦିନେ ଡେଙ୍ଗୁ, ମ୍ୟାଲେରିଆ ରୋଗର ବାହାକ ସୃଷ୍ଟି ହେବା ସମ୍ଭାବନା ରହିଥିବା ଅଭିଯୋଗ ହେଉଛି। ଜଗତ୍‌ସିଂହପୁର ଇରିଗେଶନ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସରୋଜ ସ୍ୱାଇଁ, ରାମଚନ୍ଦ୍ର ସାହୁ, ସୁବାସ ବାରିକ, ବ୍ୟାସଦେବ ମହାପାତ୍ର, ପ୍ରାଣକୃଷ୍ଣ ନାୟକ, ଅଧ୍ୟାପକ ଭଗବାନ ବିଶ୍ୱାଳଙ୍କ ସହ ଅଞ୍ଚଳବାସୀ ଦାବିକରିଛନ୍ତି।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଏରସମା,୨୬।୭(ସ୍ୱ.ପ୍ର.)**

ଏରସମା ବ୍ଲକ ସଭାଗୃହରେ ଶୁକ୍ରବାର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାରେ ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏରସମା ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ବିଡିଓ କୈଳାସ ଚନ୍ଦ୍ର ବେହେରା, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ, ବିତ୍ତ ଅଧିକାରୀ ବିଭୁରଞ୍ଜନ ମିଶ୍ର, ଜିଲା ସଂଯୋଜକ ପବିତ୍ର ସ୍ୱାଇଁ, ଉଲ୍ଲାସ କୁମାର ସେଠୀ, ଜ୍ଞାନରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ଉଦ୍ୟୋଗ ବିକାଶ ଉପରେ ବକ୍ତବ୍ୟ ଦେଇଥିଲେ। ଅଜୟ କୁମାର ପଲେଇ ପ୍ରଶିକ୍ଷକ ଭାବେ ଯୋଗଦେଇ କହିଲେ ଯେ, ଗ୍ରାମାଞ୍ଚଳର ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ ୧୮ରୁ ୩୫ ବର୍ଷ ବୟସର ସମସ୍ତ ବେକାର ଯୁବତୀ ଯୁବକଙ୍କୁ ତାଲିମ ଓ କର୍ମ ନିଯୁକ୍ତି ଦେବା ଏହି ଯୋଜନାର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ପ୍ରମୋଦିନୀ ବେହେରା, ଅନୀତା ସ୍ୱାଇଁ, ପ୍ରିୟଙ୍କା ଶତପଥୀ, ତପସ୍ୱିନୀ ପଣ୍ଡା, ରଶ୍ମିତା ଦାସ ପ୍ରମୁଖ ବ୍ଲକ ସଂଯୋଜିକାମାନେ ତାଲିମ ନେଇଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

■ କାର୍ତ୍ତିକ ଭଳି ହବିଷ ମାସ ହେଲାଣି ଶ୍ରାବଣ

# କାଉଡ଼ିଆଙ୍କ ପାଇଁ ଆମିଷ ବଜାର ଖାଁ ଖାଁ

**ପାରାଦୀପ,୨୬।୭(ସ୍ୱ.ପ୍ର.)**

ସପ୍ତାହରେ ରବି, ବୁଧ ଓ ଶୁକ୍ରବାର ସାଧାରଣତଃ ଆମିଷ ବାର ଭାବେ ପରିଗଣିତ ହୁଏ। ଏହି ଦିନଗୁଡିକରେ ଆମିଷ ବଜାରରେ ବେଶ୍ ଭିଡ଼ ହୋଇଥାଏ। ବର୍ଷର କାର୍ତ୍ତିକ ଓ ମାର୍ଗଶିର ମାସକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସବୁ ମାସରେ ଏଭଳି ଚାଲିଥାଏ। କିନ୍ତୁ ଗତ କିଛିବର୍ଷ ହେଲା ଶ୍ରାବଣ ମଧ ନିରାମିଷ ମାସରେ ପରିଗଣିତ ହେଲାଣି। କାଉଡିଆମାନେ ଏହି ମାସରେ ଆମିଷ ତ୍ୟାଗ କରୁଛନ୍ତି। ଯେଉଁଭଳି ଭାବେ କାଉଡିଆମାନଙ୍କ ସଂଖ୍ୟା ବଢିବାରେ ଲାଗିଛି, ସେହି ଅନୁସାରେ ସେମାନଙ୍କ ସହ ପରିବାର ଲୋକେ ମଧ ଆମିଷ ଖାଇବା ବନ୍ଦ କରିଦେଲେଣି। ଏଭଳି ଭାବେ ଆମିଷ ଖାଇବା ବନ୍ଦ ହୋଇଯିବା ଫଳରେ ଏହାର ପ୍ରଭାବ ମାଛ ଓ ମାଂସ ବଜାର ଉପରେ ପଡୁଛି। ପାରାଦୀପରେ ଥିବା ବିଭିନ୍ନ ମାଛ ବଜାର ଏବେ ଖାଁ ଖାଁ ଲାଗୁଛି। ଗତ ଆଷାଢ ମାସରେ ପ୍ରତ୍ୟକ ଆମିଷ ବାରରେ ଯେଉଁମାନେ ୨ କୁଇଣ୍ଟାଲ ମାଛ ବିକ୍ରି କରୁଥିଲେ, ସେମାନେ ଏବେ ୩୦ କିଗ୍ରା ବିକିବା କଷ୍ଟ ହେଉଛି ବୋଲି କହିଛନ୍ତି ପାରାଦୀପ ବଡ଼ପିଆ ମାଛ ବଜାରର ବ୍ୟବସାୟୀ ସୁଦର୍ଶନ ଦାସ।



ବଜାରରେ ବ୍ୟବସାୟୀମାନେ ମାଛ ବିକ୍ରି କରୁଛନ୍ତି।

ସେହିପରି ଉପକୂଳ ଓଡ଼ିଶାର ପ୍ରମୁଖ ମାଛ ବେପାର ସ୍ଥଳ ପାରାଦୀପର ଅଠରବାଙ୍କୀ ବାଲିପ୍ଲଟ୍‌ରେ ମଧ ସମାନ ଅବସ୍ଥା। ତେବେ ରାଜ୍ୟର ବୃହତ୍ ମାଛଧରା ବନ୍ଦରରେ ମାଛ ବିକ୍ରି ପୂର୍ବବତ୍ ଚାଲିଛି। କାରଣ ସମୁଦ୍ରରୁ ଉତ୍ପାଦିତ ସିଂହଭାଗ ମାଛ ଏଠାରୁ ବିଦେଶକୁ ରପ୍ତାନୀ ହେଉଛି। ୧୯୯୦ ବେଳକୁ ଖାଁ ଖାଁ ଅଳ୍ପ କେତେଜଣ ଯୁବକ ଦେଖାଶିଖା ଭାବେ ପାଣି ଢାଳିବାକୁ ଯାଉଥିଲେ। କ୍ରମଶଃ ଏହି ଧାରା ବଢିବାରେ ଲାଗିଛି। ଏବେ ଲକ୍ଷାଧିକ ଲୋକ ଶିବଙ୍କୁ ଜଳଲାଗି କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ଜ୍ୟୋତିଷ ନିରାକାର ପଣ୍ଡିତ କହିଛନ୍ତି ଯେ, ଆମର ପ୍ରଚଳିତ ବେଦ ବେଦାନ୍ତରେ ଶ୍ରାବଣ ମାସରେ କାଉଡିଆଙ୍କ ସମ୍ପର୍କରେ ସେପରି କିଛି ଉଲ୍ଲେଖ ନାହିଁ। ସେହିପରି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ରାମଶଙ୍କର କହିଛନ୍ତି ଯେ, ଶ୍ରାବଣ ମାସରେ ପାଣି ନେଇ ଯାଉଥିବା କାଉଡିଆ ଯେତିକି ସମୟ ଅପଚୟ କରୁଛନ୍ତି, ସେହି ସମୟ ଯଦି କୃଷି କାର୍ଯ୍ୟରେ ବିନିଯୋଗ କରନ୍ତେ ତେବେ ଓଡ଼ିଶା ଆଉ ଗରିବ ରାଜ୍ୟ ହୋଇ ରୁହନ୍ତ ନାହିଁ। କାଉଡିଆ ବେଶ ହୋଇ ପାଣି ନେଇ ଆଡମ୍ବର ପୂର୍ଣ୍ଣ ଯାତ୍ରା କରିବା ଏବେ ଫେଶନରେ ପରିଣତ ହେଲାଣି।

## ସଂକ୍ଷେପରେ

### କାଜୁ ଜଙ୍ଗଲରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଥାନାରେ ଅଭିଯୋଗ

**ମହାକାଳପଡ଼ା,୨୬।୭(ଡି.ଏନ୍.ଏ.):** ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ଅନୁସୂଚିତ ଜନଜାତିର ଜଣେ ନାବାଳିକାଙ୍କୁ ଶୁକ୍ରବାର ବଳାତ୍କାର ଉଦ୍ୟମ ହୋଇଛି। ସେ ସକାଳେ ନିକଟ କାଜୁ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିବାବେଳେ ଉକ୍ତ ଅଞ୍ଚଳର ଜଣେ ଯୁବକ ତାଙ୍କୁ ଏକୁଟିଆ ଦେଖି ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସମ୍ପୃକ୍ତ ନାବାଳିକା ଜଣକ ଚିତ୍କାର କରିଥିଲେ। ପାଟିଶୁଣି ଗ୍ରାମବାସୀ ଓ ପରିବାର ଲୋକେ ଉକ୍ତ ସ୍ଥାନରେ ପହଞ୍ଚିଯିବାରୁ ଯୁବକ ଜଣକ ସେଠାରୁ ଦୌଡି ପଳାଇଥିଲେ। ଏନେଇ ସମ୍ପୃକ୍ତ ନାବାଳିକାଙ୍କ ମା' ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ପରେ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜମ୍ବୁ ଫାଣ୍ଡି ଅଧିକାରୀ କୈଳାସ ଚନ୍ଦ୍ର ପରିଡା କହିଛନ୍ତି।

### ଜୁଲାଇ ୨୯ରେ ଯୁକ୍ତ ୨ ଶ୍ରେଣୀର ପ୍ରବେଶ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୨୬।୭:** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୨ ଶ୍ରେଣୀର ସମସ୍ତ ବିଭାଗ ପାଇଁ ପ୍ରବେଶ ଉତ୍ସବ ଜୁଲାଇ ୨୯ ତାରିଖରେ ଅନୁଷ୍ଠିତ ହେବ । ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଉପସ୍ଥିତ ରହିବେ ବୋଲି ଅଧକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଶୁକ୍ରବାର ସୂଚନା ଦେଇଛନ୍ତି । ଏହି ଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ ଆଇ କାର୍ଡ, ଟାଇମଟେବୁଲ, କ୍ୟାଲେଣ୍ଡର ଆଦି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

### ବଧୂହତ୍ୟା ଅଭିଯୋଗ

**ରାଜନଗର,୨୬।୭(ଡି.ଏନ.ଏ.) :** ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଶାରଦାପ୍ରସାଦ ଗାଁର ଅସ୍ରଫ ଅଲ୍ଲୀ ସାହାଙ୍କ ସ୍ତ୍ରୀ ରବୀନା ବିବିଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ରବୀନାଙ୍କ ବାପା ସେକ ଜାନୁଦ୍ଦିନ ଏ ନେଇ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରବୀନା କୌଣସି କାରଣରୁ ବିଷ ପିଇବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୃତଦେହକୁ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଦିତ୍ୟ ନାରାୟଣ ପ୍ରଧାନ ଏ ନେଇ ତାଳଚୁଆ ସାମୁଦ୍ରିକ ଥାନାକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ପାଟକୁରା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ପାଟକୁରା, ୨୬।୭ (ଡି.ଏନ୍.ଏ.):** ପାଟକୁରା ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ହରାଇ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ବିଜୟୀ ହୋଇଛନ୍ତି। ଏଥିପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପାଟକୁରା ବିଜେଡି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରି ପାଟକୁରାବାସୀ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜିତାଇଛନ୍ତି ବୋଲି ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରାଜେଶ ଦାସ କହିଛନ୍ତି। ଏଥିସହ ଗରଦପୁର ବ୍ଲକରେ ଦଳୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ମନ୍ତ୍ରୀ ସୁଶାନ୍ତ ସିଂ, ବେଡ଼ାରୀ ପଞ୍ଚାୟତ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବିଧାୟକ ପ୍ରୀତି ରଞ୍ଜନ ଘଡେଇ, ପାଟକୁରା ପଞ୍ଚାୟତ ପର୍ଯ୍ୟବେକ୍ଷକ ବିଧାୟକ ଅଶୋକ କୁମାର ବଳ, ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ସୁବାସ ଚନ୍ଦ୍ର ବେହେରା, ସୁବ୍ରତ ତରାଇ ଓ ଅନ୍ୟ ପର୍ଯ୍ୟବେକ୍ଷକମାନଙ୍କୁ ବ୍ଲକ ବିଜେଡି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ମହାନ୍ତି, ମହିଳା ବିଜେଡି କାର୍ଯ୍ୟକାରିଣୀ ସଦସ୍ୟା କନକଲତା କଣ୍ଡ, ମମତା ମଲିକ, ସୁଜାତା ରାଉତ, ପାଟକୁରା ସରପଞ୍ଚ ସୂର୍ଯ୍ୟମଣି ସେଠୀ, ରାଜ୍ୟ ବିଜେଡି ନେତା ଦିପ୍ତିକାନ୍ତ ପରିଜା, ରାଜ୍ୟ ଛାତ୍ର ବିଜେଡି ଉପ-ସଭାପତି ରାକେଶ ମହାପାତ୍ର, ଗରଦପୁର ବ୍ଲକର ପୂର୍ବତନ ଅଧକ୍ଷ ବାସୁଦେବ ବେହେରା, ପୂର୍ବତନ ଅଧକ୍ଷା ସ୍ୱର୍ଣ୍ଣପ୍ରଭା ସେଠୀ, ଜୟପ୍ରକାଶ ବାରିକ, ପୂର୍ଣ୍ଣଜିତ୍ ବରାଳ ପ୍ରମୁଖ ନବ ନିର୍ବାଚିତ ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ କାର୍‌ଗିଲ ବିଜୟ୍ ଦିବସ ପାଳିତ

# ସଚ୍ଚିଦାନନ୍ଦଙ୍କ ବଳିଦାନ କନିକା ମାଟିର ଗର୍ବ

**ରାଜକନିକା, ୨୬।୭ (ଡି.ଏନ୍.ଏ.)**


ଶହୀଦ ପୀଠରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଜମ୍ମୁ କଶ୍ମୀରର କାରଗିଲ୍‌ରେ ଭାରତ-ପାକିସ୍ତାନ ମଧ୍ୟରେ ୧୯୯୯ ମସିହାରେ ହୋଇଥିବା ଯୁଦ୍ଧରେ ବିଜୟ ହାସଲ କରିଥିଲା ଭାରତ। ଏହାପରଠାରୁ ପ୍ରତିବର୍ଷ ଏହିଦିନଟିକୁ କାରଗିଲ ବିଜୟ ଦିବସ ଭାବେ ପାଳନ କରାଯାଉଛି। ତେବେ ଶୁକ୍ରବାର ବିଭିନ୍ନ ସ୍ଥାନରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାଜକନିକା ବ୍ଲକ ଅଧୀନ କଣ୍ଡିଆସ୍ଥିତ ଶହୀଦ ପୀଠରେ ଶହୀଦ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ ପୌରୋହିତ୍ୟ କରିଥିଲେ। ଏଥିରେ କଣ୍ଡିଆ ଫାଣ୍ଡି ଅଧିକାରୀ ନିରଞ୍ଜନ ପ୍ରଧାନ, ବରିଷ୍ଠ ସାମାଜିକ କର୍ମୀ ଦୁର୍ଯ୍ୟୋଧନ ଭୂୟାଁ, ଶହୀଦ ସ୍ମୃତି କମିଟି ସମ୍ପାଦକ ଶିବରାମ ଦାସ, ନିରଞ୍ଜନ ବେହେରା, ସମ୍ଭାବନା ସମ୍ପାଦକ ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି କଣ୍ଡିଆ ବି.ପି ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସାଗରିକ ସାମଲ, ଠାକୁରାଣିପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାହୁ, ଚକ୍ରଧର ପାଣ୍ଡବ ଓ ମିତ୍ରଭାନୁ ସାମନ୍ତସିଂହାର ପ୍ରମୁଖ ଯୋଗଦେଇ କାରଗିଲ ବିଜୟ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶହୀଦ ସଚ୍ଚିଦାନନ୍ଦ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଅତିଥିମାନେ କହିଥିଲେ, ଦେଶ ପାଇଁ ସଚ୍ଚିଦାନନ୍ଦ ପ୍ରାଣବଳି ଦେଇ କଣ୍ଡିଆଗାଁ ଓ କେନ୍ଦ୍ରାପଡା ଜିଲ୍ଲାକୁ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ତାଙ୍କ ପାଇଁ ଏ ମାଟି ଆଜି ଗର୍ବିତ। ସଚ୍ଚିଦାନନ୍ଦଙ୍କ ବୀରତ୍ୱର କାହାଣୀକୁ ମନେ ପକାଇବା ସହ ଆଜିର ଯୁବପିଢ଼ି ତାଙ୍କ ପଦାଙ୍କ ଅନୁସରଣ କରି ଦେଶ ମାତୃକାର ସେବା କରିବା ଲାଗି ଆଗେଇ ଆସିବାକୁ ଅତିଥିମାନେ ମତ ଦେଇଥିଲେ। ଅନ୍ୟପକ୍ଷରେ ଶହୀଦଙ୍କ ସ୍ମୃତିରେ ଏ ପର୍ଯ୍ୟନ୍ତ ସ୍ମୃତିସ୍ତମ୍ଭଟିଏ ନିର୍ମାଣ ପାଇଁ ପ୍ରଶାସନ ଆନ୍ତରିକତା ଦେଖାଉ ନ ଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଏହି ଅବସରରେ ପ୍ରାତଃରୁ ସ୍ଥାନୀୟ ହାଟସାହି ନୋଡାଲ ହାଇସ୍କୁଲର ଜୁନିୟର ରେଡକ୍ରସ ଛାତ୍ରମାନେ କାଉନ୍‌ସେଲର ନିରଞ୍ଜନ ବେହେରାଙ୍କ ମାର୍ଗଦର୍ଶନରେ କଣ୍ଡିଆସ୍ଥିତ ଶହୀଦ ପୀଠରେ ପହଞ୍ଚିଥିଲେ। ପିଲାମାନେ ଶହୀଦ ପୀଠ ପରିସର ସଫା କରିବା ସହ ପରେଡ୍ କରିଥିଲେ। ଏହି ଉପଲକ୍ଷେ ସମ୍ଭାବନା ପକ୍ଷରୁ ଦିଆଯାଇଥିବା ଦୁଇଟି ବଉଳ ଗଛ ରୋପଣ କରାଯାଇଥିଲା। ଏହାପରେ କଣ୍ଡିଆ ବି.ପି ହାଇସ୍କୁଲର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଆସି ଶହୀଦ ପୀଠରେ ପହଞ୍ଚିଥିଲେ। ତେବେ ସମ୍ଭାବନା ପକ୍ଷରୁ ହାଟସାହି ହାଇସ୍କୁଲ, ବି.ପି ହାଇସ୍କୁଲ ଓ ଅବଦୁଲପୁର ଈଶାନେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ୨୦୦ ଚାରା ବଣ୍ଟନ କରାଯାଇଥିଲା।

## ସ୍ଥାୟୀ ଘରଡିହ ପଟ୍ଟା ଦାବି


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆଦିବାସୀ ବସ୍ତିବାସିନ୍ଦା।

**କେନ୍ଦ୍ରାପଡା ଅଫିସ, ୨୬।୭**

କେନ୍ଦ୍ରାପଡ଼ା ପୌରସଂସ୍ଥା ଅଧୀନ ୨୧ ନଂ ୱାର୍ଡ କଜଳାଠାରେ ରହୁଥିବା ଆଦିବାସୀ ବସ୍ତିବାସିନ୍ଦା ସ୍ଥାୟୀ ଘରଡ଼ିହ ପଟ୍ଟା ପାଇଁ ଦାବି କରିଛନ୍ତି। ଏନେଇ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏସମ୍ପର୍କରେ ବସ୍ତିବାସୀ ଟୁନି ଦାସ କହିଛନ୍ତି, ସେମାନଙ୍କ ପ୍ରତି ରାଜନେତା ଓ ପ୍ରଶାସକ ଉଦାସୀନ ମନୋଭାବ ପୋଷଣ କରିଆସୁଛନ୍ତି। ଏଠାରେ ୧୦୦ରୁ ଉର୍ଦ୍ଧ୍ୱ ପରିବାର ପ୍ରାୟ ଦେଢ଼ଶହ ବର୍ଷ ଧରି ରହି ଆସୁଛନ୍ତି। ସେମାନଙ୍କ ନିକଟରେ ଭୋଟର ପରିଚୟ ପତ୍ର, ରାଶନକାର୍ଡ ଆଦି ଥିଲେ ମଧ୍ୟ ଜମି ପଟ୍ଟା ନ ଥିବାରୁ ଜାତି ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ରାଜନେତା ଓ ପ୍ରଶାସକଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବିଭିନ୍ନ ସମୟରେ ଏହି ସ୍ଥାନକୁ ସର୍ଭେ କରାଯାଇଛି । ସର୍ଭେ ସମୟରେ ପରିବାର ସମ୍ପର୍କରେ ପରିଚୟ ଉଲ୍ଲେଖ କରିବାକୁ ଦର୍ଶାଇ କେତେଜଣ କର୍ମଚାରୀ ଅର୍ଥ ଠକି ନେଇଛନ୍ତି । ଏସବୁସତ୍ତ୍ୱେ ଅଦ୍ୟାବଧି ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ଘରଡ଼ିହ ଜମି ପଟ୍ଟା ମିଳିନାହିଁ ବୋଲି ଦାସ ଅଭିଯୋଗ କରିଛନ୍ତି। ଜମି ପଟ୍ଟା ମିଳି ନ ଥିବାରୁ ସରକାରୀ ଉନ୍ନୟନ ଓ ବାସଗୃହ ଯୋଜନାରେ ସେମାନଙ୍କୁ ସାମିଲ କରାଯାଉ ନାହିଁ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଦାବି ସମ୍ପର୍କରେ ତଦନ୍ତ ପାଇଁ ଜିଲାପାଳ ସମର୍ଥ ବର୍ମା ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗକାରିଣୀ ଦାସ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ୱାର୍ଡର ୧୦ରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ।

## ଦେଶର ସୁରକ୍ଷା ପାଇଁ ଯୁବଶକ୍ତି ସଚେତନ ରହିବା ଆବଶ୍ୟକ



କାର୍‌ଗିଲ ବିଜୟ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୨୬।୭**

ଭାରତ ୧୯୯୯ ଜୁଲାଇ ୨୬ରେ କାର୍‌ଗିଲ ଯୁଦ୍ଧରେ ପାକିସ୍ତାନଠାରୁ ବିଜୟ ଲାଭ କରିଥିଲା। ଭାରତୀୟ ଯବାନଙ୍କ ସାହସ, ବୀରତା ଓ ନିଷ୍ଠା ସମ୍ମୁଖରେ ଭାରତୀୟ ସୀମାକୁ ପଶି ଆସିଥିବା ପାକିସ୍ତାନୀ ସୈନିକ ମଥାନତ କରିଥିଲେ। ପ୍ରାୟ ୨ ମାସ ଧରି ଚାଲିଥିବା ଏହି ଯୁଦ୍ଧରେ ଭାରତ ବିଜୟୀ ହୋଇଥିଲା । ୨୦ ବର୍ଷ ପୂର୍ବେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା କାର୍‌ଗିଲ ଯୁଦ୍ଧ ଦେଶ ପାଇଁ ବହୁ ଶିକ୍ଷା ଦେଇଛି । ୨ ଦେଶ ମଧ୍ୟରେ ଶାନ୍ତି ପାଇଁ ଦ୍ୱିପାକ୍ଷିକ ଚୁକ୍ତି ହୋଇଥିଲେ ମଧ୍ୟ ପାକିସ୍ତାନ ସେନା ଭାରତର କେତେକ ଅଞ୍ଚଳକୁ ନିଜ କବଳକୁ ନେଇଥିଲେ । ଯୁଦ୍ଧରେ ଭାରତର ୫୨୭ ବୀର ଯବାନ ଶହୀଦ ହୋଇଥିଲେ । ଦେଶର ସୁରକ୍ଷା ପାଇଁ ଯୁବଶକ୍ତି ସର୍ବଦା ସଚେତନ ରହିବା ଆବଶ୍ୟକ ବୋଲି କେନ୍ଦ୍ରାପଡ଼ାରେ କାର୍‌ଗିଲ ବିଜୟ ଉତ୍ସବ ପାଳନ ସମୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । କେନ୍ଦ୍ରାପଡ଼ା ଜିଲା ପୂର୍ବତନ ସୈନିକ ସଂଘ ପକ୍ଷରୁ ସହରର ଉର୍ଦ୍ଦୁ ଲାଇବ୍ରେରିଠାରେ ଶୁକ୍ରବାର ଏହି ଉତ୍ସବ ପାଳନ ହୋଇଥିଲା । ସଂଘ ସଭାପତି ଅଭୟ ପ୍ରସାଦ ପାଣି ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଡିଏମ୍ ବସନ୍ତ କୁମାର ରାଉତ, ଶିକ୍ଷାବିତ ଅଜୟ କୁମାର ସାମଲ, ଅଧ୍ୟାପକ ଅଜୟ କୁମାର ରାଉତ ଓ ପୂର୍ବତନ ପୌରାଧ୍ୟକ୍ଷ ଧୀରେନ କୁମାର ସାହୁ ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଅତିଥିମାନେ ୧୯୯୯ ମସିହାରେ ହୋଇଥିବା କାର୍‌ଗିଲ ଯୁଦ୍ଧ ଓ ସାଂପ୍ରତିକ ସମୟର ସୀମା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସେମାନେ ଦର୍ଶାଇଥିଲେଯେ, କାର୍‌ଗିଲ ଯୁଦ୍ଧ ସମୟରେ ଭାରତର ଇଣ୍ଟେଲିଜେନ୍ସର ନିଷ୍କ୍ରିୟତା ଯୋଗୁ ବହୁ କ୍ଷତି ଘଟିଥିଲା । ଶାନ୍ତିରେ ବିଶ୍ୱାସ କରୁଥିବା ଭାରତ ମହାଦେଶକୁ ପାକିସ୍ତାନ ଧୋକା ଦେଇଥିଲା। ଦ୍ୱିପାକ୍ଷିକ ଚୁକ୍ତିକୁ ବେଖାତିର କରି ଜାମ୍ମୁ କଶ୍ମୀରର କେତେକ ଅଞ୍ଚଳରେ ସେନା ମୁତୟନ କରିଥିଲା । ତେବେ ଭାରତର ବୀର ଯବାନମାନେ ଉପଯୁକ୍ତ ମୁକାବିଲା କରି ଦେଶ ଓ ମାତୃଭୂମିକୁ ସୁରକ୍ଷିତ କରିଥିଲେ । ଏହି ଅବସରରେ ପୂର୍ବତନ ସେନା କର୍ମଚାରୀ ଦୟାନିଧି ନାୟକ, ପଞ୍ଚାନନ ରାଉତ ଓ ଭରତ ଚନ୍ଦ୍ର ଜେନାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ବିଜୟ ଉତ୍ସବକୁ ସୈନିକ ସଂଘର ସମ୍ପାଦକ ମହେଶ୍ୱର କର, ସଚ୍ଚିକାନ୍ତ ନାଥ, ସୁରେନ୍ଦ୍ର କୁମାର ସାହୁ, ସୁଶାନ୍ତ କୁମାର ସ୍ୱାଇଁ ଓ ବୀରବର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ହରିଣ ମାଂସ ଜବତ, ୩ ଶିକାରୀ ଗିରଫ

**ରାଜନଗର,୨୬।୭(ଡି.ଏନ.ଏ.)**

ଭିତରକନିକା ଜାତୀୟ ଉଦ୍ୟାନର ସୁନେଇ ରୂପେଇ ଜଙ୍ଗଲରେ ବନ ବିଭାଗ କର୍ମଚାରୀମାନେ ଶୁକ୍ରବାର ଚଢାଉ କରି ୬୦ କେ.ଜି ହରିଣ ମାଂସ ଜବତ କରିଛନ୍ତି । ଏହି ଘଟଣାରେ ବଗପାଟିଆ ଗାଁର ପଙ୍କଜ ମାଇତି, ସୁରେଶ ପରିଡା, ବନବିହାରୀପୁର ଗାଁର ରଞ୍ଜନ ସାହୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଶିକାରୀମାନେ ଶିକାର କରିବା ଖବର ପାଇ ଗୁପ୍ତି ଫରେଷ୍ଟର ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବନ କର୍ମଚାରୀ ରଞ୍ଜିତ ରାଉତ, ଅଭିରାମ ଦାସ ସଦଳବଳ ଚଢାଉ କରି ସେମାନଙ୍କୁ କାବୁ କରି ନେଇଥିଲେ। ଏହାଛଡା ହେନ୍ତାଳ ବଣ ଭିତରେ ଲୁଚାଇ ରଖିଥିବା ମାଂସ ଜବତ କରିଥିଲେ। ଶିକାରୀମାନଙ୍କ ଠାରୁ କଟୁରୀ ଓ ଠେଙ୍ଗା ଜବତ କରାଯାଇଛି।

## ସଚେତନତା କାର୍ଯ୍ୟକ୍ରମ

**ରାଜନଗର,୨୬।୭(ଡି.ଏନ.ଏ.)**

ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଜୁଣଗଡି ଗାଁରେ ମା' ବୀଣାପାଣୀ ଯୁବକ ସଂଘ ପକ୍ଷରୁ ସଫେଇ କରାଯିବା ସହ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ସଂଘର ସଦସ୍ୟମାନେ ଡେଙ୍ଗୁ ଠାରୁ ଦୂରେଇ ରହିବାକୁ ଘର ଘର ବୁଲି ଲୋକଙ୍କୁ ସଚେତନ କରିଥିଲେ। ଯୁବକ ସଂଘର ଶୁକଦେବ ଲେଙ୍କା , ଦେବେନ୍ଦ୍ର ରାଉଳ, ଅଜିତ ନାଥ, ବଂଶୀଧର ପ୍ରଧାନ, ବିଦ୍ୟାଧର ପ୍ରଧାନ, ଘନଶ୍ୟାମ ପ୍ରଧାନ, ରଞ୍ଜନ ଦାସ, କମଳଲୋଚନ ରାଉଳ, ପ୍ରଭୁପାଦ ପାତ୍ର, କାହ୍ନା ପ୍ରଧାନ, ରାଜା ଦାସ ପ୍ରମୁଖ ଜୁଣଗଡି ଗ୍ରାମରେ ଥିବା ସମସ୍ତ ନଳକୂପର ଚତୁଃପାର୍ଶ୍ୱ ନାଳନର୍ଦ୍ଦମାକୁ ସଫେଇ କରିଥିଲେ। ଡେଙ୍ଗୁ କିପରି ନ ବ୍ୟାପିବ, ସେ ନେଇ ଲୋକଙ୍କୁ ବୁଝାଇଥିଲେ।

## ଯୋଜନାର ସୁଫଳ ପାଉନାହାନ୍ତି ଚାଷୀ

■ ପ୍ରତିବାଦରେ କୃଷକ କଲ୍ୟାଣ ମଞ୍ଚର ଧାରଣା ଚେତାବନୀ

**ଆଳି, ୨୬।୭ (ଡି.ଏନ୍.ଏ.)**


ଆଳି ସହକାରୀ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୃଷି ବିଭାଗର ବିଭିନ୍ନ ଯୋଜନାରେ ଚାଷୀମାନେ ସୁଫଳ ପାଇପାରୁନାହାନ୍ତି। ଏହାର ପ୍ରତିବାଦରେ ଆଳି କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା କରାଯିବ। ଏ ନେଇ ଶୁକ୍ରବାର ଆଳି ସହକାରୀ କୃଷି ଅଧିକାରୀଙ୍କୁ ୫ ଦଫା ଦାବି ବିଶିଷ୍ଟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଳି କୃଷକ କଲ୍ୟାଣ ମଞ୍ଚ ସଭାପତି ଓ ସମ୍ପାଦକଙ୍କ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି, କାଳିଆ ଯୋଜନାରେ ହିତାଧିକାରୀଙ୍କ ନାମ ପଞ୍ଜୀକରଣ କରିବାରେ ପାତରଅନ୍ତର ଓ ପଞ୍ଜୀକରଣ କରିଥିବା ଚାଷୀମାନେ ଆଜି ପର୍ଯ୍ୟନ୍ତ ସହାୟତା ରାଶି ପାଇ ନଥିବା ବେଳେ ୨୦୧୭-୧୮ ମସିହା ଶସ୍ୟ ବୀମା ତଥ୍ୟ ଦେବାରେ ବିଭାଗୀୟ କର୍ତ୍ତୃପକ୍ଷ ଭୁଲ କରିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ନ ମିଳିବା, ସରକାରଙ୍କ ତରଫରୁ ମିଳୁଥିବା ବିହନ ଓ କୃଷି ଉପକରଣ ଚାଷୀମାନଙ୍କୁ ଦିଆ ନ ଯାଇ କୃଷକ ସାଥୀ ଓ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କିଛି ମୁଷ୍ଟିମେୟ ଲୋକଙ୍କୁ ପ୍ରଦାନ କରାଯିବା, ଆଳି-କନିକା ବ୍ଲକରେ ଗଜା ମରୁଡି ସାଙ୍ଗକୁ ତଳି ମରିଯାଉଥିବା ବେଳେ ବିଭାଗୀୟ ଅଧିକାରୀ ଚୁପ ହୋଇ ବସିବା, ଆଳିରେ ଥିବା ହର୍ଟିକଲଚରରୁ ଲୋକମାନେ ଚାରା ନପାଇ ଫେରିବା ଆଦି ସମସ୍ୟାର ସମାଧନ କରାଯିବା ଆବଶ୍ୟକ। ଏହି ଦାବିପତ୍ରର ଏକ ନକଲ କେନ୍ଦ୍ରାପଡା ଜିଲାପାଳ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଗଷ୍ଟ ୨ ତାରିଖରେ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଆଳି ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯିବ। ଏ ବିଷୟରେ ଆଳି ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ବି ତାହା ସମ୍ଭବ ହୋଇପାରିନାହିଁ।

## ମଦ ଦୋକାନକୁ ମହିଳାଙ୍କ ବିରୋଧ : ଉତ୍ତେଜନା

**ରାଜନଗର,୨୬।୭(ଡି.ଏନ.ଏ.)**

ରାଜନଗର ବ୍ଲକର ଭିତରଗଡ ପଞ୍ଚାୟତରେ ଏକ ମଦ ଦୋକାନ ଖୋଲାଯିବାରୁ ଏହାକୁ ଭିତରଗଡ ଓ ଚାନ୍ଦିବାଉଁଶମୂଳ ପଞ୍ଚାୟତର ମହିଳାମାନେ ବିରୋଧ କରିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ମହିଳାମାନେ ଉକ୍ତ ମଦଦୋକାନ ଆଗରେ ପହଞ୍ଚି ହୋ ହଲ୍ଲା କରିବା ସହ ତୁରନ୍ତ ଏହା ବନ୍ଦ କରିବା ପାଇଁ ଦାବି କରିଥିଲେ । ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ହ୍ରାସ ପାଇଥିଲା ।

ସୂଚନାଯୋଗ୍ୟ ଯେ, ଚାନ୍ଦିବାଉଁଶମୂଳଠାରେ ଏକ ମଦ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯାଇଥିଲା । ଏହାକୁ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳର ମହିଳାମାନେ ବାରମ୍ବାର ଦାବି କରି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେଣୁ ମଦ ଲାଇସେନ୍ସ ପାଇଥିବା ବ୍ୟବସାୟୀ ଜଣକ ଚାନ୍ଦି ବାଉଁଶମୂଳ ପଞ୍ଚାୟତର ଜରିମୂଳ ପରିବର୍ତ୍ତେ ଭିତରଗଡ ନିକଟରେ ଶୁକ୍ରବାର ମଦ ଦୋକାନ ଖୋଲିଥିଲେ ।

## ଜିଲା ପାଠାଗାର ଆନ୍ଦୋଳନ


ପାଠାଗାର ଆନ୍ଦୋଳନ କାର୍ଯ୍ୟକ୍ରମରେ ଅତିଥିମାନେ।

**କେନ୍ଦ୍ରାପଡ଼ା ଅଫିସ, ୨୬।୭**

କେନ୍ଦ୍ରାପଡ଼ା ବ୍ଲକ କୋରୋ ପଞ୍ଚାୟତ ନୋଡାଲ ହାଇସ୍କୁଲ ପରିସରରେ ଜିଲା ପାଠାଗାର ଆନ୍ଦୋଳନ କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଛି। ପ୍ରଧାନଶିକ୍ଷକ ପ୍ରେମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୁଣାତ୍ମକ ଶିକ୍ଷାରେ ପଠନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିରେ ଉଦ୍‌ଘାଟକ ଭାବେ ସରପଞ୍ଚ ତଅପୋଇ ମଲ୍ଲିକ, ମୁଖ୍ୟ ଅତିଥି ଜିଲା ସଂଯୋଜକ ନରହରି ସୂତାର ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସିଆରସିସି ଭାଗୀରଥି ନନ୍ଦ ଓ ସମ୍ମାନିତ ଅତିଥି ଭାବେ ସିଆରସିସି ମହମ୍ମଦ ଜଲାଲୁଦ୍ଦିନ, ଶିକ୍ଷାବିତ୍ ରାଧାମୋହନ ଦାଶ ଯୋଗ ଦେଇଥିଲେ। ପ୍ରତ୍ୟେକ ବିଦ୍ୟାଳୟରେ ଥିବା ପାଠାଗାରର ଠିକ୍ ଉପଯୋଗ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏଥିସହିତ ପ୍ରତି ବୁଧବାର ଶେଷ ଅବଧିକୁ ପୁସ୍ତକ ପଠନ ପାଇଁ ବିନିଯୋଗ ହେବ ବୋଲି ପ୍ରକାଶ କରିଥିଲେ। ଶିକ୍ଷକ ବିମଳ ପ୍ରସାଦ ପରିଡ଼ା, ହେମନ୍ତ କୁମାର ଜେନା, ରାଧାମୋହନ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଜିଲାର ବହୁ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ପଟ୍ଟାମୁଣ୍ଡାଇ ବଜାରରେ ଉଠାଦୋକାନୀଙ୍କୁ ଉଚ୍ଛେଦ

**ପଟ୍ଟାମୁଣ୍ଡାଇ,୨୬।୭ (ସ୍ୱ.ପ୍ର.)**


ପଟ୍ଟାମୁଣ୍ଡାଇ ବଜାରରେ ମ୍ୟୁନିସିପାଲିଟି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ପଟ୍ଟାମୁଣ୍ଡାଇ ବଜାର ରାସ୍ତା କଡରେ ଉଠା ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ପ୍ରାୟ ୪୦ଜଣ ଉଠା ଦୋକାନୀଙ୍କୁ ମ୍ୟୁନିସିପାଲିଟି ପକ୍ଷରୁ ଶୁକ୍ରବାର ଜେସିବି ଲଗାଇ ଉଚ୍ଛେଦ କରାଯାଇଛି। ଏ ନେଇ ଉଠା ଦୋକାନୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଠା ଦୋକାନୀମାନଙ୍କୁ ଆଗେ ଥଇଥାନ କରାଯାଇ ପରେ ଉଚ୍ଛେଦ କରାଯିବ ବୋଲି ଓଡିଶା ହାଇକୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏଥିପ୍ରତି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ, ସ୍ଥାନୀୟ ତହସିଲଦାର ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେଇନାହାନ୍ତି। ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯିବା ନେଇ ମ୍ୟୁନିସିପାଲିଟି ପକ୍ଷରୁ ବୁଧବାର ନୋଟିସ୍ ଜାରି କରାଯାଇଥିଲା। ଏହାର ପ୍ରତିବାଦରେ ଗୁରୁବାର ଉଠା ଦୋକାନୀ ସଂଘ ପକ୍ଷରୁ କୋର୍ଟ ଅବମାନନା କେଶ୍ ନଂ- ସିଓଏନ୍‌ଟିସି/୧୧୨୯/୨୦୧୯ରେ ଏକ ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ ଯେ, ୨୦୧୩ ମସିହାରେ ଉଠା ଦୋକାନୀଙ୍କ ସହିତ ରାସ୍ତାକୁ ଅବରୋଧ କରିଥିବା ଦୋକାନ ଘର ଭଙ୍ଗା ଯାଇଥିଲା। ସେତେବେଳେ ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ୍ ନିର୍ମାଣ କରି ଥଇଥାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ଭେଣ୍ଡିଂ ଜୋନ୍ ନିର୍ମାଣରେ ବିଳମ୍ବ ଘଟିବାରୁ ଉଠା ଦୋକାନୀମାନେ ପୁନର୍ବାର ରାସ୍ତା କଡ ଅବରୋଧ କରି ବେପାର କରୁଥିଲେ । ୨୦୧୭ ମସିହାରେ ଟ୍ରାଫିକ୍ ଜାମ୍ ସୁଧାରିବା ପାଇଁ ପ୍ରଶାସନ ପକ୍ଷରୁ ପୁନର୍ବାର ଉଠା ଦୋକାନୀମାନଙ୍କୁ ହଟାଇ ଦିଆଯାଇଥିଲା । ଏଥିନେଇ ଉଠା ଦୋକାନୀ ସଂଘ ପକ୍ଷରୁ ରାଜ୍ୟ ସରକାର, କେନ୍ଦ୍ରାପଡା ଜିଲାପାଳ, ପଟ୍ଟାମୁଣ୍ଡାଇ ତହସିଲଦାର, ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ଓ ପୋଲିସ୍‌ଙ୍କୁ ପକ୍ଷଭୁକ୍ତ କରାଯାଇ ଡବ୍ଲୁପିସି ନଂ-୨୭୪୪୯/୨୦୧୭ରେ ଏକ ମାମଲା ଦାଏର କରାଯାଇଥିଲା । ଏହି ମାମଲା ଏବେ ବି କୋର୍ଟରେ ବିଚାରାଧୀନ ରହିଥିବା ବେଳେ ପ୍ରଶାସନ ଓ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ୪୦ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯିବା କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବିକା ପ୍ରତି କୁଠାରାଘାତ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜୁଲାଇ ୨୭/୨୦୧୯ Bhubaneswar, Saturday, July 27/2019







■ ଦୁର୍ଦ୍ଦିନରେ କଳିଙ୍ଗନଗର ଶିଳ୍ପାଞ୍ଚଳ

# ବନ୍ଦ ହେଲା ଏନ୍‌ଆଇଏନ୍‌ଏଲ୍‌ର ବ୍ଲାଷ୍ଟ ଫର୍ନେସ

■ ଠିକା ଶ୍ରମିକ ବେଶି ପ୍ରଭାବିତ ହେବା ସମ୍ଭାବନା

■ ରାଜ୍ୟ ସରକାରଙ୍କ ଶିଳ୍ପ ନୀତି ଦାୟୀ

ଯାଜପୁର ଅଫିସ,୨୬।୭

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଏକମାତ୍ର ରାଷ୍ଟ୍ରାୟତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ)ର ବ୍ଲାଷ୍ଟ ଫର୍ନେସ ଶୁକ୍ରବାର ଅପରାହ୍ନରୁ ବନ୍ଦ ହୋଇଯାଇଛି । ଗୁରୁବାର ରାତିଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଶୁକ୍ରବାର ଅପରାହ୍ନରେ ବ୍ରିଡର ଖୋଲାଯାଇଥିଲା। ଆର୍ଥିକ ଦୁଃସ୍ଥିତି ଯୋଗୁ ଏନ୍‌ଆଇଏନ୍‌ଏଲ ଏଭଳି ପଦକ୍ଷେପ ନେଇଥିବା ସୂଚନା ମିଳିଛି। ଏମ୍‌ଏମ୍‌ଟିସି ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ନେବା ପରେ କାରଖାନାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି। ଗତ ୪ବର୍ଷ ହେଲା କାରଖାନା ପ୍ରାୟ ୨୦୧୦ କୋଟି ଟଙ୍କା କ୍ଷତିର ସମ୍ମୁଖୀନ ହୋଇଛି। ଫଳରେ ନୀଳାଚଳ କାରଖାନାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ଜୀବନଜୀବିକା ସଂକଟରେ ପଡିଛି। ଏହା ବ୍ୟତୀତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ସମେତ ମେସ୍କୋ, ମଇଥାନ, ଭିସା ଷ୍ଟିଲ, ରୋହିତ ଫେରୋଟେକ ଆଦି କାରଖାନା କ୍ଷମତାଠାରୁ କମ୍ ଉତ୍ପାଦନ କରୁଛନ୍ତି। ରାଜ୍ୟ ସରକାରଙ୍କ ଶିଳ୍ପ, ଖଣି ଓ ଇସ୍ପାତ ନୀତି ସ୍ୱଷ୍ଟ ହେଉ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଉଛି।



ଯାଜପୁର ଜିଲାର କଳିଙ୍ଗନଗର ଦୀନବନ୍ଧୁ ଷ୍ଟିଲ ଓ ପାୱାର ଲିଃ, ମଇଥାନ ଇସ୍ପାତ, କେନ୍ଦୁଝର ବଡ଼ବିଲ ଉଲିବୁରୁ ବି.କେ. ଷ୍ଟିଲ ଆଣ୍ଡ ପାୱାର ଲିଃ, ଯାଜପୁରରୋଡ ଫେରୋକ୍ରୋମ ଆଦି କାରଖାନା ବନ୍ଦ ରହିଛି। ବିଶ୍ୱ ଇସ୍ପାତ ବଜାରରେ ସୃଷ୍ଟି ହୋଇଥିବା ମାନ୍ଦାବସ୍ଥା, ଲୁହା ପଥର ଦର, ଇସ୍ପାତ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି, କୋଇଲା ଦର ଏବଂ କାରଖାନାଗୁଡିକର ଆର୍ଥିକ ସଂକଟ ଆଦି ବିଭିନ୍ନ କାରଣ ଯୋଗୁ ଏସବୁ କାରଖାନା ବନ୍ଦ ହୋଇଛି। ଏବେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ କାରଖାନାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଷ୍ଟେନଲେସ ଷ୍ଟିଲ ବଜାରରେ ମାନ୍ଦାବସ୍ଥା ଯୋଗୁ ଏହି କାରଖାନା କୌଣସି ପ୍ରକାର କିଣାବିକା କରୁନାହିଁ। ଯାହାକିଛି କଞ୍ଚାମାଲ ମହଜୁଦ ରହିଛି ସେଥିରେ କାମ ଚଳାଇବାରେ ଲାଗିଛି। କଞ୍ଚାମାଲ ଶେଷ ହେଲେ ଏହି କାରଖାନା ମଧ୍ୟ ବନ୍ଦ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ନୀଳାଚଳ କାରଖାନାରେ ୨୦୧୫-୧୬ରେ ୩୩୦ କୋଟି, ୨୦୧୬-୧୭ରେ ୫୩୦ କୋଟି, ୨୦୧୭-୧୮ରେ ୫୫୦ କୋଟି ଓ ୨୦୧୮-୧୯ ଆର୍ଥିକ ବର୍ଷରେ ୬୦୦ କୋଟି ଟଙ୍କାର କ୍ଷତି ହୋଇଛି। ୨୦୧୬ରୁ ରେକର୍ଡ ପରିମାଣର କ୍ଷତି ହେବାରେ ଲାଗିଛି। ପରିଚାଳନାଗତ ତ୍ରୁଟି ଏବଂ ଅଯଥା ଖର୍ଚ୍ଚ ତଥା ଆବଶ୍ୟକତାଠାରୁ ଅଧିକ ସଂଖ୍ୟାରେ ଅଧିକାରୀ ନିଯୁକ୍ତି ଏଥିପାଇଁ ଦାୟୀ ବୋଲି କୁହାଯାଉଛି । ନୀଳାଚଳ କାରଖାନାରେ ବର୍ଷକ ତଳେ କ୍ୟାପିଟାଲ ମରାମତିରେ ଖର୍ଚ୍ଚ ହୋଇଥିବା ପ୍ରାୟ ୧୦୦ କୋଟି ଟଙ୍କା ପାଣିରେ ପଡିଛି। ନୀଳାଚଳ କାରଖାନାର ବ୍ଲାଷ୍ଟ ଫର୍ନେସ ବନ୍ଦ ହେବା ଯୋଗୁ ପ୍ରଥମେ ଠିକାଶ୍ରମିକଙ୍କ ଜୀବିକା ପ୍ରଭାବିତ ହେବାର ଅଧିକ ସମ୍ଭାବନା ରହିଛି। ଏହାବାଦ ଜମି ହରାଇଥିବା ବିସ୍ଥାପିତମାନେ ଶିଳ୍ପର ଲାଭ ପାଇବା ପରିବର୍ତ୍ତେ ସର୍ବହରା ହେବାର ଆଶଙ୍କା ସୃଷ୍ଟି କରିଛି। ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି ଯେ, ଇସ୍ପାତ କାରଖାନା ଚାଲୁ ରହିବା ଓ ବନ୍ଦ ରହିବା ମୁଖ୍ୟତଃ ସାମ୍ପ୍ରତିକ ବଜାର ଚାହିଦା ଉପରେ ନିର୍ଭର କରେ । ତେବେ ସରକାର ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବାରୁ ଶିଳ୍ପ କାରଖାନାଗୁଡିକ ଦୁର୍ଦ୍ଦିନରେ ଗତି କରୁଛି । ଏ ସଂକ୍ରାନ୍ତରେ ନିଳାଚଳ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି ଯେ, ବୈଷୟିକ ଆବଶ୍ୟକତା ଦୃଷ୍ଟିରୁ ବ୍ଲାଷ୍ଟ ଫର୍ନେସ ବନ୍ଦ କରାଯାଇଛି । ତେବେ ଆଗାମୀ ଦିନରେ ସବୁକିଛି ସ୍ୱାଭାବିକ ହେବାର ନିଶ୍ଚିତ ବୋଲି କୁହାଯାଇଛି ।

ଆମ୍ବତୋଟାରେ ସଂଗଠିତ ହତ୍ୟା ମାମଲା

## ଅଭିଯୁକ୍ତଙ୍କୁ ୫ ବର୍ଷ କାରାଦଣ୍ଡ

ଯାଜପୁର ଟାଉନ,୨୬।୭(ଡି.ଏନ.ଏ.)

ଯାଜପୁର ଜିଲା କୁଆଖିଆ ଥାନା ଜଗନ୍ନାଥପୁର ଗ୍ରାମର ନନ୍ଦନ ଆମ୍ବତୋଟାରେ ସଂଗଠିତ ଏକ ହତ୍ୟାକାଣ୍ଡ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଗୌରାଙ୍ଗ ମଲ୍ଲିକଙ୍କୁ ୫ ବର୍ଷ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଓ ଜୋରିମାନା ଅନାଦେୟରେ ୬ମାସ ଅଧିକ କାରାଦଣ୍ଡାଦେଶର ରାୟ ଶୁଣାଇଛନ୍ତି ଜିଲା ଜଜ୍ ବିରଞ୍ଚି ନାରାୟଣ ମିଶ୍ର। ୨୦୧୦ ଫେବୃୟାରୀ


ଗିରଫ ଅଭିଯୁକ୍ତ।

୧୯ରେ ରତ୍ନାକର ରାଉତଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲା ଜିଲା ଜଜ୍ କୋର୍ଟରେ ବିଚାରାଧୀନ ଥିଲା। ଏହି ମାମଲାରେ ସମ୍ପୃକ୍ତ ୪ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ସରକାରଙ୍କ ପକ୍ଷରୁ ପି.ପି କିଶୋର କୁମାର କର ମାମଲା ପରିଚାଳନା କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ସଂକ୍ଷେପରେ

### ଟ୍ରେନ୍‌ରେ ଯୁବକଙ୍କୁ ନିଶାଦେଇ ଲୁଟିନେଲେ ଦୁର୍ବୃତ୍ତ

**ଚଣ୍ଡିଖୋଲ,୨୬।୭(ଡି.ଏନ୍.ଏ.):** କଟକ ରେଳ ଷ୍ଟେଶନରୁ ଟ୍ରେନ୍‌ରେ କେନ୍ଦ୍ରାପଡା ଯାଉଥିବା ଜଣେ ଯୁବକ ଶୁକ୍ରବାର ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ଥଣ୍ଡା ପାନୀୟ କିମ୍ବା ଚା'ରେ ନିଶା ଦେଇ ତାଙ୍କଠାରୁ ଲୁଟ୍ କରିଥିବା ଅନୁମାନ କରାଯାଉଛି। ଯୁବକ ଜଣଙ୍କ କେନ୍ଦ୍ରାପଡା ଜିଲାର ଅଜିତ୍ କୁମାର ବୋଲି ଜଣାପଡିଛି। ଲୁଟ୍ ପରେ ଦୁର୍ବୃତ୍ତମାନେ ତାଙ୍କୁ ଚଣ୍ଡିଖୋଲ ଛକ ହୋଣ୍ଡା ଶୋରୁମ ନିକଟ ରାସ୍ତା କଡରେ ଫୋପାଡ଼ି ଦେଇ ପଳାଇ ଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ବଡ଼ଚଣା ପୋଲିସକୁ ଖବର ଦେଇଥିଲେ। ଚଣ୍ଡିଖୋଲ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ଅଜିତ୍‌ଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ସେଠାରେ ଚେତା ଫେରିବା ସେ ତାଙ୍କ ପରିଚୟ ଦେଇଥିଲେ।

### କାର୍‌ଗିଲ ଯୁଦ୍ଧର ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁର ଟାଉନ,୨୬।୭(ଡି.ଏନ.ଏ.):** କାରଗିଲ ଯୁଦ୍ଧର ବୀର ଶହୀଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଡିଆରଡିଏ ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶହୀଦଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ପ୍ରାର୍ଥନା ସଭା କରାଯାଇଥିଲା। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଦେଶ ପାଇଁ ଉତ୍ସର୍ଗୀକୃତ ମନୋଭାବ ରଖି ଦେଶସେବା ପାଇଁ ବ୍ରତୀ ହେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଶେଷରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଧନ୍ୟବାଦ ଦେଇଥିଲେ। ସେହିପରି ୧୯୯୯ ଜୁଲାଇ ୨୬ରେ କାରଗିଲ ଯୁଦ୍ଧରେ ପାକିସ୍ତାନ ବିରୋଧରେ ଭାରତର ମହାବିଜୟକୁ ସ୍ମରଣ କରି ଶୁକ୍ରବାର ଜିଲା ସ୍କୁଲର ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ବିଜୟ ଦିବସ ପାଳନ ହୋଇଛି। ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧଙ୍କ ଅଧତାରେ ଅନୁଷ୍ଠିତ ସଭା ଓ ଶୋଭାଯାତ୍ରାରେ ଯାଜପୁର ଜିଲା ସ୍କୁଲ ସମେତ ସରସ୍ୱତୀ ଶିଶୁ ମନ୍ଦିରର ୧୪୦ଜଣ ଏନସିସି କ୍ୟାଡେଟ୍ ଯୋଗ ଦେଇଥିଲେ। ଜିଲା ସ୍କୁଲର ଏନ୍‌ସିସି ଶିକ୍ଷକ ନିରଞ୍ଜନ ସାମଲ, ବିରଜା ହାଇସ୍କୁଲର ମୃତ୍ୟୁଞ୍ଜୟ ନାୟକ, ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ଦେବେନ୍ଦ୍ର ସାହୁ ଓ ୪ର୍ଥ ବାଟାଲିଅନ୍, ଏନ୍‌ସିସି କଟକର ହାବିଲଦାର ନରେଶ କୁମାର ଓ ମହିପାଲ ଏହାକୁ ପରିଚାଳନା କରିଥିଲେ।

### କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଯୁବକ କୋର୍ଟ ଚାଲାଣ

**କୋରେଇ,୨୬।୭(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅଞ୍ଚଳର ଜଣେ କଲେଜ୍ ଛାତ୍ରୀଙ୍କୁ ସୋସିଆଲ ମିଡିଆରେ ଅଶ୍ଳୀଳ ମନ୍ତବ୍ୟ ଓ ରାସ୍ତାରେ ଦୁର୍ବ୍ୟବହାର ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଯୁବକ ଜଣଙ୍କ ପଥରପଦା ଗ୍ରାମର ସିଦ୍ଧାର୍ଥ ପରିଡା (୨୦)। ପ୍ରକାଶ ଯେ, ସିଦ୍ଧାର୍ଥ ଉକ୍ତ ଛାତ୍ରୀଙ୍କୁ କଲେଜ ଗଲାବେଳେ ରାସ୍ତାରେ ଅଶ୍ଳୀଳ ଇଙ୍ଗିତ କରିବା ସହ ସୋସିଆଲ୍ ମିଡିଆରେ ଅଶାଳୀନ ମନ୍ତବ୍ୟ ଦେଇଥିବା ନେଇ ଛାତ୍ରୀ ଜଣଙ୍କ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନ.୧୩୫/୧୯) ରୁଜୁକରି ସିଦ୍ଧାର୍ଥଙ୍କୁ ଗିରଫ କାରିଥିଲା।

### ନାବାଳିକା ଉଦ୍ଧାର ନାବାଳକ କୋର୍ଟ ଚାଲାଣ

**କୋରେଇ,୨୬।୭(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅଞ୍ଚଳରେ ଜଣେ ନାବାଳିକା ଅପହରଣ ହୋଇଥିବାନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୩୪/୧୯) ରୁଜୁକରି ଶୁକ୍ରବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ନାବାଳକ ଯୁବକଙ୍କୁ ଗିରଫ କରିଛି। ଏ ନେଇ ଉଭୟଙ୍କ ବୟାନ ରେକର୍ଡ ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନାବାଳକ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି। ବ୍ୟାସନଗର ଗଣେଷ ବଜାର ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କ ପୋଲିସ ଗିରଫ କରିଥିଲା।

## ଯୋଗାଣ ସାମଗ୍ରୀ ପାଇଁ ଆଧାର ଅଡୁଆ

# ଚଞ୍ଚକତା ଧରାପଡ଼ିଯିବା ଭୟ, ମିଳୁନି ସହଯୋଗ

**ରସୁଲପୁର,୨୬।୭(ଡିଏନଏ)**

**ରସୁଲପୁର ବ୍ଲକ**
- ଆଧାର ସଂଯୋଗ ପାଇଁ ଅଧିକାଂଶ ହିତାଧିକାରୀଙ୍କ ମିଳୁନି ସହଯୋଗ
- ୨୫ହଜାର ଲୋକଙ୍କ ଆଧାର ସଂଯୋଗ ହେବା ବାକି

କେନ୍ଦ୍ର ସରକାରଙ୍କ ପକ୍ଷରୁ ଶତପ୍ରତିଶତ ଆଧାର ସଂଯୋଗ ନିର୍ଦ୍ଦେଶ ଯୋଗାଣ ସାମଗ୍ରୀ ବଣ୍ଟନ ପଛରେ ରହିଥିବା ଅନିୟମିତତାର ଗୁମର ଖୋଲିବ। ବହୁ ହିତାଧିକାରୀ ଚାଉଳରୁ ବଞ୍ଚିତ ହେବେ। ଆଧାର କାର୍ଡ ସେମାନଙ୍କ ପାଇଁ ଅଡୁଆ ସାବ୍ୟସ୍ତ ହେବାକୁ ଯାଉଛି । ଅଗଷ୍ଟ ଶେଷ ସୁଦ୍ଧା ଆଧାର ସଂଯୋଗ ନ କଲେ କେନ୍ଦ୍ର ପକ୍ଷରୁ ସେମାନଙ୍କ ଚାଉଳ ବନ୍ଦ ହୋଇଯିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି।

ଜୁନ୍‌ରେ ରସୁଲପୁର ବ୍ଲକରେ ୩୬ହାଜର ରାଶନକାର୍ଡ ହିତାଧିକାରୀଙ୍କର ଆଧାର ସଂଯୋଗ ହୋଇପାରି ନ ଥିଲା। ଯୋଗାଣ ବିଭାଗ ପକ୍ଷରୁ ଶତପ୍ରତିଶତ ଆଧାର ସଂଯୋଗ ପାଇଁ ସବୁ ରିଟେଲରଙ୍କୁ ସତର୍କ କରିଦିଆଯାଇଛି। ଏ ନେଇ ଯୋଗାଣ ଅଧିକାରୀ ଅନୁଜ କୁମାର ସାହୁ ଘନ ଘନ ତଦାରଖ କରୁଛନ୍ତି। ପରିଣାମ ସ୍ୱରୂପ ଇତି ମଧ୍ୟରେ ୧୧ହଜାର ଲୋକଙ୍କ ଆଧାର ସଂଯୋଗ ହୋଇପାରିଛି। ଏବେ ଆହୁରୀ ୨୫ହଜାର ଲୋକଙ୍କ ଆଧାର ସଂଯୋଗ ହେବା ବାକି ରହିଛି। ଏହିପରି ମୋଟାମୋଟି ଭାବେ ଦେଖିବାକୁ ଗଲେ ହିତାଧିକାରୀଙ୍କର ମୋଟ ୮୨ ଶତକଡା ଲୋକଙ୍କ ଆଧାର ସଂଯୋଗ ହୋଇଛି । ଆହୁରି ୧୮ ଶତକଡା ଲୋକଙ୍କ ଆଧାରକାର୍ଡ ସଂଯୋଗ ବାକି ରହିଛି। ଯାହାର ସଂଖ୍ୟା ୨୫ହଜାରରୁ ଉର୍ଦ୍ଧ୍ୱ ବୋଲି କୁହାଯାଉଛି। ଏପଟେ ଧାର୍ଯ୍ୟ ସମୟସୀମାର ଅବଧି କମି କମି ଯାଉଛି। ପୂର୍ବଭଳି ଆଧାର ସଂଯୋଗର ଗତି କ୍ରମଶଃ ମନ୍ଥର ହେବାରେ ଲାଗିଛି। ଏଭଳି ସ୍ଥିତି ଯୋଗାଣ ଅଧିକାରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏଭଳି ହେବା ପଛରେ କେତେକ ଠୋସ୍ କାରଣ ରହିଥାଇପାରେ। ସେସବୁ ମଧ୍ୟରୁ ବହୁ ଅଯୋଗ୍ୟ ବ୍ୟକ୍ତି ରାଶନକାର୍ଡ ସହ ଯୋଡି ହୋଇଅଛନ୍ତି । ସେମାନଙ୍କ ଆଧାର ସଂଯୋଗ ହେଲେ ବାସ୍ତବ ଚିତ୍ର ପଦାକୁ ଆସିବାର ଭୟ ଘାରିଛି। ଫଳରେ ସେହି ବର୍ଗର ହିତାଧିକାରୀଙ୍କ ନିକଟରେ ଆଧାର ଥାଇ ବି ସେମାନେ ସଂଯୋଗ କରିବା ଦିଗରେ ଆଗ୍ରହ ଦେଖାଉ ନାହାନ୍ତି। ବୟସ୍କ ବୃଦ୍ଧାବୃଦ୍ଧଙ୍କ ଆଧାର ସମ୍ଭବ ହୋଇପାରୁଥିବା ଯୋଗୁ ସଂଯୋଗରେ ବାଧା ଦେଖାଦେଇଛି। ଅଧିକାଂଶ ଲୋକ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ଆଧାର ସଂଯୋଗ ହୋଇଛି। ସମାନ ଯୋଜନା ପାଇଁ ଏକାଧିକ ସ୍ଥାନରେ ଆଧାର ସଂଯୋଗ କଲେ ଧରାପଡି ଯିବ ଭୟରେ ହିତାଧିକାରୀମାନେ ଆଧାର ସଂଯୋଗକୁ ଏଡାଇବାକୁ ଚେଷ୍ଟା କରୁଛନ୍ତି। ଏପରି କି କିଛି ଲୋକ ବାହାରେ ରହୁଛନ୍ତି । ସେମାନେ ଉଭୟ ସ୍ଥାନରେ ରାଶନକାର୍ଡ ହାତେଇଛନ୍ତି । ଆଧାର ସଂଯୋଗ ହେଲେ ସେମାନଙ୍କ ଚଞ୍ଚକତା ଧରାପଡିଯିବା ଭୟ ଘାରିଛି। କେତେଜଣ ମୃତବ୍ୟକ୍ତିଙ୍କ ନାଁରେ ଏବେ ବି ରାଶନ ସାମଗ୍ରୀ ଉଠାଣ ହେଉଛି। ସେମାନଙ୍କ ନାମକୁ କାର୍ଡରୁ ବାଦ ଦିଆଯାଇ ନାହିଁ। ଉକ୍ତ ଲୋକଙ୍କ ଆଧାର ସଂଯୋଗ ପାଇଁ ହିତାଧିକାରୀ ପରିବାର ଅନିଚ୍ଛା ପ୍ରକାଶ କରୁଛନ୍ତି । ଏହାଛଡା ଏକାଧିକ ବ୍ୟକ୍ତିଙ୍କର ଏବେ ବି ଆଧାରକାର୍ଡ ନାହିଁ। ଆଧାର କାର୍ଡ ପ୍ରସ୍ତୁତି ଦିଗରେ ସରକାରୀ ମାଧ୍ୟମ କାମ କରୁନି। ସରାକରଙ୍କ ଘୋଷଣା ଆନୁଯାୟୀ ଗ୍ରାମାଞ୍ଚଳ ଡାକଘରେ, ବ୍ୟାଙ୍କ ଆଦିରେ ଆଧାର କାର୍ଡ ପ୍ରସ୍ତୁତ ପ୍ରକ୍ରିୟା ଏବେ ବି ଆରମ୍ଭ ହୋଇନାହିଁ। ପୂର୍ବରୁ ସରକାରୀ ଭାବେ ବ୍ଲକ, ତହସିଲ ଆଦି ସ୍ଥାନରେ ଆଧାର କାର୍ଡ ପ୍ରସ୍ତୁତ ହୋଇଥିଲା। ସେ ସବୁ କେଉଁ ଦିନରୁ ବନ୍ଦ ହୋଇଗଲାଣି। ଆଧାର କାର୍ଡ ପ୍ରସ୍ତୁତ ପ୍ରକ୍ରିୟାକୁ ସରକାର ଘରୋଇ ସଂସ୍ଥା ହାତକୁ ଟେକି ଦେଇଛନ୍ତି। ଏବେ ବିଭିନ୍ନ ଜନସେବା କେନ୍ଦ୍ରରେ ଏଭଳି ସୁବିଧା ମିଳୁଛି। ସେ ସବୁ ସ୍ଥାନରେ ଉକ୍ତ ସୁବିଧା ସବୁଦିନ ପ୍ରଦାନ କରାଯାଉ ନାହିଁ। ସପ୍ତାହରେ ଦିନେ କି ଦୁଇଦିନ ପାଇଁ ଆଧାର କାର୍ଡ ପ୍ରସ୍ତୁତ ହେଉଥିବାରୁ ନାମ ପଞ୍ଜିକରଣ ପାଇଁ ଲୋକଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି । ଏହି ସୁଯୋଗରେ ଘରୋଇ ସଂସ୍ଥା ଗୁଡିକ ଗ୍ରାହକଙ୍କୁ ଶୋଷଣ କରିବାକୁ ପଛାଉ ନାହାନ୍ତି। କାର୍ଡ ପିଛା ୨୦୦ରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବା ସହ ଏକାଧିକ ଥର ଆଧାର କେନ୍ଦ୍ରଗୁଡିକୁ ଦୌଡିବା କାରଣରୁ ସମସ୍ତଙ୍କୁ ଆଧାର କାର୍ଡ ମିଳିବା ଲକ୍ଷ୍ୟଚ୍ୟୁତ ହୋଇଛି। ଏସବୁ କାରଣରୁ ରାଶନ କାର୍ଡରେ ଆଧାର ସଂଯୋଗ ଶତପ୍ରତିଶତ ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଧାର୍ଯ୍ୟ ସମୟରେ ଆଧାର ସଂଯୋଗ ନ ହେଲେ କେନ୍ଦ୍ର ପକ୍ଷରୁ ରାଶନ ସାମଗ୍ରୀ ବନ୍ଦ ପ୍ରକ୍ରିୟା କାର୍ଯ୍ୟକାରୀ ହେଲେ ଏହା ରାଜ୍ୟ ସରକାରଙ୍କ ମୁଣ୍ଡ ବିନ୍ଧା ବଢାଇ ଦେଇପାରେ। ଏ ନେଇ ଯୋଗାଣ ଅଧିକାରୀ ସାହୁଙ୍କ ମତରେ, ଆଧାର ସଂଯୋଗ ପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଜନସାଧାରଣଙ୍କ ପକ୍ଷରୁ ସହଯୋଗ କରାଯାଉ ନାହିଁ । ଏହାପରେ ଯାହା ସରକାରୀ ନିର୍ଦ୍ଦେଶ ଆସିବ ତାକୁ ସେ କାର୍ଯ୍ୟକାରୀ କରିବାକୁ ବାଧ ହେବେ। ସେ ସମୟରେ ହିତାଧିକାରୀଙ୍କର କୌଣସି ଆପତ୍ତି, ଅଭିଯୋଗକୁ ଆଦୌ ଶୁଣାଯିବ ନାହିଁ ବୋଲି ସେ ଚେତାଇ ଦେଇଛନ୍ତି।

### ବରୀରେ ଯୋଗ ଶିବିର ଅନୁଷ୍ଠିତ

**ରତ୍ନଗିରି,୨୬।୭(ଡି.ଏନ୍.ଏ.)**

ବରୀ ବ୍ଲକ ଅଧୀନସ୍ଥ ଅରଙ୍ଗାବାଦ୍ ପଞ୍ଚାୟତର ଅରଙ୍ଗାବାଦ୍‌ଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ କୌଶଳ ଯୋଜନା ଓ ବ୍ୟକ୍ତି ବିକାଶ କେନ୍ଦ୍ର ଆନୁକୂଲ୍ୟର ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୀ ଅଞ୍ଚଳର ୩୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଯୋଗ ମଣିଷ ଜୀବନର ମାନସିକ, ଶାରିରୀକ ଓ ଆଧାତ୍ମିକ ଚିନ୍ତାଧାରକୁ ପରିପୃଷ୍ଟ କରିବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଏହି ଅବସରରେ କାର୍ଯ୍ୟକ୍ରମର ଆୟୋଜକ ବିଶ୍ୱଜିତ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ବରୀ ଅଞ୍ଚଳରେ ଯୁବପିଢୀଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମରେ ସାମିଲ ହେବାର ଏକ ବର୍ତ୍ତା ଦେବ ବୋଲି ଉପସ୍ଥିତ ପ୍ରଶିକ୍ଷକମାନେ ମତ ବ୍ୟକ୍ତ କରିଥିଲେ। ଶ୍ରୁଶ୍ରିଲକ୍ଷ୍ମୀ ସାହାଣୀ (ଛତିଶଗଡ), ସୁନିତା ପ୍ରଧାନ(ଦେବଗଡ) ଖଗପତି ନାୟକ(କଳାହାଣ୍ଡି) ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ ବରୀ କଳାମାଟିଆ ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ବୃକ୍ଷରୋପଣ କରିଥିଲେ।

## କାର୍‌ଗିଲ୍ ବିଜୟ ଦିବସ

**ଯାଜପୁର ରୋଡ,୨୬।୭(ନି.ପ୍ର.)**



ଯୁବକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଉଛି।

ଶହୀଦ୍ ଭଗତ୍ ସିଂ ଯୁବକ ସଂଘ ଆନୁକୂଲ୍ୟରେ ଶୁକ୍ରବାର ଗୋପବନ୍ଧୁ ଛକଠାରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀଠାରେ କାରଗିଲ୍ ବିଜୟ ଦିବସ ପାଳନ କରାଯାଇଥିଲା। ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ ବାଣ ଫୁଟାଇ ମିଷ୍ଟାନ୍ନ ବଣ୍ଟନ କରାଯାଇ କାରଗିଲ୍ ବିଜୟ ଦିବସ ପାଳନ କରାଯାଇଥିଲା। କାରଗିଲ୍ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ବିବେକାନନ୍ଦ ମହାନ୍ତି, ସଂଯୁକ୍ତା ମହାପାତ୍ର, ଜ୍ଞାନରଞ୍ଜନ ରାଉତ, ଯୁବକ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ ଧିର, କଳିଙ୍ଗ ପହି, ଅକ୍ଷୟ ନାୟକ, ନିରଞ୍ଜନ ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧ ଏହି ଦିବସ ପାଳିତ ହୋଇଯାଇଛି। ଇଂଲିଶ ବିଭାଗୀୟ ମୁଖ୍ୟ ପ୍ରାଧାପକ କୁଶଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଏହି ଦିବସ ପାଳିତ ହୋଇଯାଇଛି। ଏଥିରେ ଉପାଧ୍ୟକ୍ଷ ପ୍ରାଧାପକ ଗୋପାଳ ଚନ୍ଦ୍ର ନନ୍ଦ ସଭାପତିତ୍ୱ କରିଥିଲେ। ଅଧାପକ କ୍ୟାପଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦିଲୀପ କୁମାର ରାଉତ, ସଂଯୁକ୍ତା ପାଢୀ, ପ୍ରଜ୍ଞାପ୍ରବର୍ତ୍ତିକା ଦାଶ କାରଗିଲ ଯୁଦ୍ଧ ତଥା ବିଜୟ ଦିବସ ଉପରେ ଆଲୋଚନା କରିଥିଲେ। ଅଧାପକ ଗୌରାଙ୍ଗ ଚରଣ ମଲ୍ଲିକ, ଉପେନ୍ଦ୍ର ସ୍ୱାଇଁ, ପ୍ରଫୁଲ ସ୍ୱାଇଁ, ଅଜୟ ଦାସ, ପୁନ୍‌ପୁନ୍ ଦାସ, ରମେଶ ଚନ୍ଦ୍ର ବେହେରା, ଛବିଳା ସାହୁ, ସନ୍ତୋଷ ରଥ, କ୍ରିଷ୍ଣାବିତ୍ ରାଉତ, ସ୍ୱପ୍ନାଜ୍ୟୋତି ଜେନା ଏହି ଦିବସର ମହନୀୟତା ଉପରେ ଆଲୋକପାତ କରିଥିଲେ। ବିଜୟ ଦିବସ ଅବସରରେ କାରଗିଲ ଯୁଦ୍ଧର ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ଜିଲା ଭାଜପା ବିସ୍ତାରକଙ୍କ କର୍ମଶାଳା

**ଛତିଆ,୨୬।୭(ଡିଏନ୍ଏ)**

ଭାଜପାର ସାଂଗଠିନକ ପର୍ବ ସଦସ୍ୟତା ଅଭିଯାନ ଉପଲକ୍ଷେ ଯାଜପୁର ଜିଲା ଭାଜପା ବିସ୍ତାରକଙ୍କ କର୍ମଶାଳା ଶୁକ୍ରବାର ଛତିଆସ୍ଥିତ ପିପି ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଯାଜପୁର ଜିଲା ପ୍ରଭାରୀ ସାରଦା ପ୍ରସାଦ ଶତପଥୀ ଅତିଥିଭାବେ ଯୋଗଦେଇ ଜିଲା ଭାଜପା ସଂଗଠନକୁ ତୃଣମୂଳସ୍ତରରୁ ହିଁ ମଜଭୁତ କରାଯିବା ସହ ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଭାଜପା ମୁଖପାତ୍ର ଅମର ନାୟକ କହିଥିଲେ ଯେ, ଆଗାମୀ ଦିନରେ ଦଳୀୟ ସଂଗଠନ ଶକ୍ତିକୁ ଅଧିକ ମଜଭୁତ କରିବା ସହ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଭାଜପା କର୍ମୀ ଏକତ୍ରିତ ହୋଇ କାମ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୀୟକାନ୍ତ ମଲ୍ଲିକ, ଗୌତମ ରାୟ, ବବିତା ମଲ୍ଲିକ, ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ଜିଲା କୃଷକ ମୋର୍ଚ୍ଚା ସଭାପତି ସାରଦା ରାଉତ ପ୍ରମୁଖ ଯୋଗଦେଇ ପ୍ରତିଟି ପରିବାର କିଭଳି ଭାଜପାରେ ଯୋଗଦେବେ ସେ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା କର୍ମୀ ରମେଶ ଚନ୍ଦ୍ର ପୃଷ୍ଟି, ନୀଳମଣି ରାଉତ୍, ଦମୟନ୍ତୀ ସାମଲ, ଦେବଜାନୀ ପ୍ରଧାନ, ନଟବର ସାମଲ, ଧୀରେନ୍ଦ୍ର ରାଉତ, ଅନନ୍ତ କିଶୋର ଷେଣ୍ଠ, ଦୀପ୍ତିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## କ୍ରଶର ମାଲିକଙ୍କୁ ଥଇଥାନ ପାଇଁ ପ୍ରଶାସନର ବୈଠକ

# ୨ମାସ ମଧ୍ୟରେ ଜମି ପ୍ରଦାନ ନେଇ ନିଷ୍ପତ୍ତି

**ଧର୍ମଶାଳା,୨୬।୭(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅଧୀନସ୍ଥ ବେଆଇନଭାବେ ଚାଲୁଥିବା କ୍ରଶରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରିବା ସହ ଥଇଥାନ ପାଇଁ ପ୍ରୟାସ ଶେଷ ମୁହୂର୍ତ୍ତରେ ପହଞ୍ଚିଛି। ଏ ନେଇ ବ୍ଲକ ପରିସରରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ କ୍ରଶର ମାଲିକଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୧୦ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ସ୍ଥିରୀକୃତ କରାଯାଇଥିବା ୪ଟି ମୌଜାରେ ୭୫ ଡିସିମିଲ୍ ଲେଖାଏ ଜମି ପାଇଁ କ୍ରଶର ମାଲିକମାନେ ଆବେଦନ କରିପାରିବେ। ସେମାନଙ୍କୁ ୨ମାସ ମଧ୍ୟରେ ଜମି ପ୍ରଦାନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଏଡିଏମ୍ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ରାନାୟଣ ଚନ୍ଦ୍ର ଧଳ, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଆରୁହା ମୌଜାରେ ୩୯ଏକର, ଅଞ୍ଜିରାରେ ୪୨.୪୭ଏକର, ବରଡାରେ ୩୯.୨୧ଏକର, ଅଁଳାଝାଟିଆରେ ୩୮.୭୦ଏକର ମୋଟ ୧୫୯.୪୮ଏକର ଜମି ଚିହ୍ନଟ ହୋଇଛି। ଏ ନେଇ ଇଡକୋ ୫କୋଟି ୬୬ଲକ୍ଷ ଟଙ୍କା ତହସିଲରେ ଜମା କରିଥିବାବେଳେ ଅବଶିଷ୍ଟ ୧ କୋଟି ୭୪ଲକ୍ଷ ଦାଖଲ କରିବା ପାଇଁ କୁହାଯାଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଧର୍ମଶାଳା ତହସିଲ ଅଧୀନରେ ୧୪୧ଟି କ୍ରଶର ଜାତୀୟ ରାଜପଥଠାରୁ ଓ ସ୍କୁଲମାନଙ୍କ ଠାରୁ ଯେଉଁ ଦୂରତାରେ ବସିବା କଥା ତାହା ହୋଇ ନ ଥିବାରୁ ପ୍ରଦୂଷଣଜନିତ ସମସ୍ୟା ଉତ୍କଟ ହୋଇଥିଲା। ଏ ସମ୍ପର୍କରେ ପରିବେଶବିତଙ୍କ ପକ୍ଷରୁ ହାଇକୋର୍ଟରେ ଉଚ୍ଛେଦ ପାଇଁ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ୨୦୦୨ରେ ବେଆଇନ ଭାବେ ବସିଥିବା କ୍ରସର ଗୁଡିକୁ ଉଚ୍ଛେଦ କରିବା ସହ ପ୍ରଦୂଷଣ ଜନିତ କ୍ଷତି ହେଉନଥିବା ସ୍ଥାନରେ ଥଇଥାନ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ଅନେକଥର ବେଆଇନ ଭାବେ ବସାଯାଇଥିବା ୧୪୧ଟି କ୍ରଶରକୁ ସିଲ କରିଥିଲେ। ପରେ ଧର୍ମଶାଳା ତହସିଲ ଅଧୀନସ୍ଥ ଆରୁହା, ଅଞ୍ଜିରା, ବରଡା, ଅଁଳାଝାଟିଆ ଠାରେ ୧୬୦ଏକର ଜମି ଚିହ୍ନଟ କରାଯାଇ ଇଡକୋକୁ ହସ୍ତାନ୍ତର କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜଲା କ୍ରଶର ଆସୋସିଏଶନ୍ ସଭାପତି ଚନ୍ଦନ ନାୟକ, ସମ୍ପାଦକ ଦିଲୀପ କୁମାର ବଳ, ସଭ୍ୟ ଅଜାୟର ସାହୁ, ପ୍ରମୋଦ ନାୟକ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିବା ସହ ପ୍ରଶାସନର ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ।

## ନନ୍ଦରାମ ହିନ୍ଦୀ ପାଠଶାଳା ଖୋଲିବାକୁ ଦାବିପତ୍ର

**ଯାଜପୁର ରୋଡ,୨୬।୭(ନି.ପ୍ର.)**

ଯାଜପୁର ରୋଡସ୍ଥିତ ନନ୍ଦରାମ ହିନ୍ଦୀ ପାଠଶାଳା ଚଳିତ ଶିକ୍ଷାବର୍ଷଠାରୁ ଚାଲୁ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଶୁକ୍ରବାର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି। ସୂଚନାଯୋଗ୍ୟ ଯେ, ନନ୍ଦରାମ ଚୌଧୁରୀ ନାମକ ଜଣେ ବଦାନ୍ୟ ବ୍ୟକ୍ତି ପାଠଶାଳାକୁ ଜମିଦାନ କରିଥିଲେ ଓ ତାଙ୍କ ଦାନରେ ପାଠଶାଳା ନିର୍ମାଣ କରାଯାଇ ୬ଦଶନ୍ଧି ଧରି ଶିକ୍ଷାଦାନ କରାଯାଇ ଆସୁଥିଲା । ପୁରୁଣା ଘର ଭାଙ୍ଗିଯିବା ପରେ ସେଠାରେ ଶିକ୍ଷାଦାନ ବନ୍ଦ ହୋଇଯାଇଥିଲା । ବ୍ୟାସନଗର ପୌରପରିଷଦ ପାଣ୍ଠିରୁ ନୂତନ ଭାବେ ଏହି ଘର ନିର୍ମାଣ କରାଯାଇଛି। ନୂତନ ଘରେ ବିଦ୍ୟାଳୟ ଖୋଲି ପାଠପଢା ଆରମ୍ଭ ହେବବୋଲି ପରିଚାଳନା କମିଟିକୁ ଜିଲାପାଳ ପ୍ରତଶ୍ରୁତି ଦେଇଛନ୍ତି । ପରିଚାଳନା କମିଟି ସଭାପତି ହୃଦାନନ୍ଦ ସାମଲ, ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଡାକ୍ତର ହେମନ୍ତ କୁମାର ସାହୁ, ବରିଷ୍ଠ ଖବରଦାତା କୃଷ୍ଣଚନ୍ଦ୍ର ସାମଲ, ଆଇନଜୀବୀ ରଜତ୍ କୁମାର ରାଉତ, ହୃଷିକେଶ ସାହୁ, ଦିନେଶ ମସ୍କରା, ବାବୁଲାଲ ଗୁରୁ, ସଦାଶିବ ଦାସ, ବିଶ୍ୱନାଥ ମହାନ୍ତି ଓ ଅଜୟ ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ।

## ଟ୍ରାଫିକ ସମସ୍ୟା ସୁଧାର ପାଇଁ ଏସ୍‌ପିଙ୍କୁ ଦାବିପତ୍ର

**ଚଣ୍ଡିଖୋଲ,୨୬।୭(ଡି.ଏନ୍.ଏ.)**

ବ୍ୟସ୍ତବହୁଳ ଚଣ୍ଡିଖୋଲ ଛକରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାର ସୁଧାର ପାଇଁ ଶୁକ୍ରବାର ଅନ୍ତର୍ଜାତୀୟ ମାନବିକ ଅଧିକାର ପରିଷଦ ପକ୍ଷରୁ ଯାଜପୁର ଏସ୍‌ପି ଚରଣ ସିଂ ମିନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଟ୍ରାଫିକ ବ୍ୟବସ୍ଥାର ସୁ ବନ୍ଦୋବସ୍ତ, ଉପଯୁକ୍ତ ବ୍ୟାରିକେଟ ବ୍ୟବସ୍ଥା, ରାସ୍ତାର ଚାରିପାଖରେ ଟ୍ରାଫିକ ସିଗ୍‌ନାଲ ସ୍ଥାପନ ସହିତ ପ୍ରଶିକ୍ଷଣ ପ୍ରାପ୍ତ ଟ୍ରାଫିକ ପୋଲିସ ମୁତୟନ କରିବା ପାଇଁ ଦାବି କରାଯାଇଛି। ପ୍ରକାଶ ଯେ, ଚଣ୍ଡିଖୋଲରେ ଜିଲାର ବହୁ ପ୍ରମୁଖ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଚିକିତ୍ସାଳୟ, ଅଦାଲତ ରହିଥିବାରୁ ବହୁ ଲୋକଙ୍କ ଭିଡ ରହୁଛି। ସେହିପରି ଶହଶହ ଯାତ୍ରୀ ଓ ଗାଡିମୋଟର ଏଠାରୁ ପ୍ରତ୍ୟେକ ଦିନ ବିଭିନ୍ନ ଅଞ୍ଚଳକୁ ଯିବା ଆସିବା କରିଥାନ୍ତି। ମାତ୍ର ଅସୁରକ୍ଷିତ ଟ୍ରାଫିକ ବ୍ୟବସ୍ଥା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେଉଛି। ଏହାର ସମାଧାନ ଦିଗରେ ଅନ୍ତର୍ଜାତୀୟ ମାନବିକ ଅଧିକାର ପରିଷଦ ପକ୍ଷରୁ ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ, ସତ୍ୟବ୍ରତ ଦାସ, ପଦ୍ମଲାଭ ବରାଳ, ମୋହନ ମହାରଣା, ଯାଜପୁର ଜିଲା ସଭାପତି କାର୍ତ୍ତିକ ଚନ୍ଦ୍ର ଗରଡିଆ, ନାରାୟଣ ବିଶ୍ୱାଳ, ସ୍ୱାଧୀନ କୁମାର ଦାସ ପ୍ରମୁଖ ଏସପିଙ୍କୁ ସାକ୍ଷାତ କରିଥିଲେ।


ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ୨ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ଆଉ ଜଣଙ୍କୁ ଭୁଲିଗଲେ

**ରସୁଲପୁର,୨୬।୭(ଡିଏନଏ)**

**କାର୍‌ଗିଲ ବିଜୟ ଉତ୍ସବ**



କାର୍‌ଗିଲ୍ ବିଜୟ ଉତ୍ସବ ପାଳନ ଅବସରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ଗୁରୁକୁଳ ନୋଡା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର କାରଗିଲ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବ୍ଲକର ୩ଟି ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନେ ଯୋଗଦେଇ ଅମର ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମବେଳେ ଗାଁରେ ଥିବା ଦୁଇଜଣଙ୍କ ଶହୀଦ୍ ପୀଠକୁ ଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବାବେଳେ ଅନ୍ୟଜଣେ ଶହୀଦଙ୍କୁ ଭୁଲି ଯାଇଥିବା ଅଭିଯୋଗ ହୋଇଛି। ଏହାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ବ୍ଲକ ଅଞ୍ଚଳର ସିଂହାପୁର ଗ୍ରାମରେ ବୀର ଶହୀଦଙ୍କ ପୀଠ ରହିଛି । ଏହାକୁ ଗୁରୁତ୍ୱ ପ୍ରଦାନ କରି କାଡେଟ୍‌ମାନେ କାରଗିଲ୍ ବିଜୟର ୨୦ବର୍ଷ ପୂର୍ତ୍ତି ପାଳନ କରିବା ପାଇଁ ଉକ୍ତ ଗ୍ରାମକୁ ଚିହ୍ନଟ କରିଥିଲେ। ବ୍ଲକ ଅଧୀନ କଲଣ ପଞ୍ଚାୟତର ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡକଇଁଚି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଭୋଟକାର ହିଙ୍ଗୁଳା ବିଦ୍ୟାପୀଠ ଆଦିରୁ ୨୦ଜଣ ଲେଖାଏ ମୋଟ ୬୦ଜଣ କାଡେଟ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିସହ ବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪(୦)କଟକ ସମର ଶିକ୍ଷାର୍ଥୀ ବାହିନୀ ଉଇଂର ଏଚ୍‌ଏମ୍‌ଟି ମହିପାଳ ସିଂ, ହାବିଲଦାର ନରେଶ କୁମାର ଅତିଥି ଭାବେ ଯୋଗ ଦେଇଥିଲେ। କାଡେଟ୍‌ଙ୍କ ଗହଣରେ ଅତିଥିମାନେ ଶହୀଦ ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଶମଣି ପଣ୍ଡାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଏନ୍‌ସିସି ଅଫିସର ଓ ବିଦ୍ୟାଳୟର ଅନ୍ୟ ସହକାରୀ ଶିକ୍ଷୟତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ କାର୍ଯ୍ୟକ୍ରମ ଆୟୋଜନ ସମୟରେ ଆୟୋଜକ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନରେ ପାତରଅନ୍ତର କରିଥିବା ଚର୍ଚ୍ଚା ହୋଇଥିଲା। କାର୍ଯ୍ୟକ୍ରମବେଳେ ସମସ୍ତେ ଗାଁରେ ଥିବା ଦୁଇଜଣଙ୍କ ଶହୀଦ୍ ପୀଠକୁ ଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବାବେଳେ ଅନ୍ୟଜଣେ ଶହୀଦଙ୍କୁ ଭୁଲି ଯାଇଥିଲେ। ସମସ୍ତେ ଗାଁରେ ଥିବା ଶହୀଦ ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ପୀଠକୁ ଯାଇଥିବାବେଳେ ଶହୀଦ ଅନିରୁଦ୍ଧ ବରାଳଙ୍କ ପୀଠକୁ ଯାଇ ନ ଥିଲେ। ଏହାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଣ୍ଡାଙ୍କୁ ପଚାରିବାରୁ, ବର୍ଷା ଯୋଗୁ ସେଠାକୁ ଯାଇହୋଇ ନ ଥିଲା। ଶହୀଦ ଅନିରୁଦ୍ଧଙ୍କ ପୀଠକୁ ଯିବାବେଳେ ଗାଁ ରାସ୍ତାରେ ପାଣି ପଡିବ ବୋଲି ଜାଣି ପିଲାମାନେ ସେଠାକୁ ଯିବା ପାଇଁ ରାଜି ହୋଇ ନ ଥିଲେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ



### ବାଘୁଆ ଆକ୍ରମଣରେ ଚାଷୀ ଗୁରୁତର

ଭାପୁର,୨୬।୭(ଡି.ଏନ.ଏ.)- ଜଣେ ଚାଷୀ ଶୁକ୍ରବାର ସକାଳୁ ଜମିକୁ ଯାଉଥିବା ବେଳେ ଗୋଟିଏ ବାଘୁଆ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇଛନ୍ତି। ଆହତ ଚାଷୀ ହେଲେ ନୟାଗଡ଼ ଜିଲା ଭାପୁର ଛକ ଝିଙ୍ଗିପୁର ପଞ୍ଚାୟତର ଲକ୍ଷ୍ମଣପାଲା ଗ୍ରାମର ମାଗି ଚରଣ ନାୟକ(୬୮)। ଶୁକ୍ରବାର ସକାଳ ୭.୧୫ ମିନିଟ୍‌ରେ ମାଗି ଧାନ ଜମିକୁ ଯାଉଥିଲେ। ରାତିରେ ବର୍ଷା ହୋଇଥିବାରୁ ତାଙ୍କ ଧାନ ଜମିରେ କେତେ ପାଣି ହୋଇଛି ତାହା ଦେଖିବାକୁ ଯାଉଥିଲାବେଳେ ଏକ ଜଙ୍ଗଲି ବାଘୁଆ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କର ବାମହାତର ବୁଢ଼ା ଆଙ୍ଗୁଠି କାମୁଡ଼ି ଛିଣ୍ଡାଇଦେଇଥିବାବେଳେ ବାମଗୋଡ଼କୁ ମଧ୍ୟ କାମୁଡ଼ି ଦେଇଥିଲା। ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

■ ଆକାଶ ଇଣ୍ଡିଆ ମଲ୍ଟି କମ୍ପ୍ଲେକ୍ସ ଚିଟ୍‌ଫଣ୍ଡ ଠକେଇ ମାମଲା

# ୨ ନିର୍ଦ୍ଦେଶକଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗ ରହିଥିଲା**

ଭୁବନେଶ୍ୱର, ୨୬।୭(ବ୍ୟୁରୋ)

ଆକାଶ ଇଣ୍ଡିଆ ମଲ୍ଟି କମ୍ପ୍ଲେକ୍ସ ଚିଟ୍‌ଫଣ୍ଡ ସଂସ୍ଥା ଠକେଇ ମାମଲାରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶୁକ୍ରବାର ୨ଜଣ ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ସେମାନେ ହେଲେ ସଂସ୍ଥାର ଅନ୍ୟତମ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସାହୁ ଏବଂ ଆକାଶଦୀପ ସମବାୟ ସମିତି ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ମହାନ୍ତି। ସୁରେଶଙ୍କ ଘର କଟକ ଜିଲା ନିଆଳି ଥାନା ଅଧୀନ ବନମାଳିପୁର ଗ୍ରାମରେ ହୋଇଥିବାବେଳେ ସୁବାସଙ୍କ ଘର ନିଆଳି ଥାନା ଅନ୍ତର୍ଗତ କଙ୍କଡ଼ାଗାଡ଼ିଆ ଗ୍ରାମରେ। ଇଓଡବ୍ଲ୍ୟୁ ଅଧିକାରୀମାନେ ଉଭୟଙ୍କୁ ସେମାନଙ୍କ ଘରୁ ଗିରଫ କରିଛନ୍ତି। ଉଭୟଙ୍କ ବିରୋଧରେ କେସ୍ ନଂ-୮/୨୦୧୭ ଆଇପିସି ୪୦୬, ୪୨୦, ୪୬୭, ୪୬୮, ୪୭୧, ୧୨୦ (ବି) ଏବଂ ଏମ ମନି ସର୍କୁଲେସନ ସ୍କିମ୍ ଆକ୍ଟ ୧୯୭୮ରେ ଦଫା ୬ ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ୨୦୦୬ରେ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ ଭୁବନେଶ୍ୱର ଅଞ୍ଚଳର ପ୍ଲଟ ନଂ-୯୨/୧୧୬୭ରେ ଏକ ଅଫିସ ଖୋଲିଥିଲେ। ପରେ ସେମାନେ ଖଣ୍ଡଗିରି, ନିଆଳି, ଚାରିଛକ, ପୁରୀ, ଅସୁରଙ୍ଗ, ବାଙ୍କିରିଗାଁ, ପାଣିକୋଇଲି, ବ୍ରହ୍ମଗିରି ଓ ଜଗତସିଂହପୁର ଆଦି ସ୍ଥାନରେ ବ୍ରାଞ୍ଚ ଅଫିସ ଖୋଲିଥିଲେ। ସଂସ୍ଥାରେ ଟଙ୍କା ଜମା କଲେ ଏଫଡ଼ି ଓ ଆରଡି ସ୍କିମ୍‌ରେ ଡବଲ କରିଦେବାକୁ ପ୍ରତିଶ୍ରୁତି ଦେଉଥିଲେ। ଏପରି କି ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ଟଙ୍କା ଜମା କରିବା ପାଇଁ ସଂସ୍ଥା ଲୋଭ ଦେଖାଇଥିଲା। ଅଧିକ ଅର୍ଥ ପାଇବା ଆଶାରେ ଲୋକେ ସଂସ୍ଥାରେ ଟଙ୍କା ଜମା ରଖିଥିଲେ। ସଂସ୍ଥାରେ ଜମାକାରୀମାନଙ୍କ ଦ୍ୱାରା ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜମା ରହିଥିଲା। ଜମାକାରୀଙ୍କ ଟଙ୍କା ଫେରସ୍ତ ହେବା ସମୟ ଆସିବା ପରେ ସଂସ୍ଥାର କର୍ମଚାରୀମାନେ ବିଭିନ୍ନ ଜିଲାରେ ଥିବା ବ୍ରାଞ୍ଚ ଅଫିସରେ ତାଲା ପକାଇ ଫେରାର ହୋଇଯାଇଥିଲେ। ସେହିପରି ଉକ୍ତ ଚିଟ୍‌ଫଣ୍ଡ ସଂସ୍ଥାର ସହଯୋଗୀ ସଂସ୍ଥା ଆକାଶଦୀପ ସମବାୟ ସମିତି ମଧ୍ୟ ଜମାକାରୀଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲା। ୨୦୦୬ରୁ ୨୦୧୬ ମସିହା ପର୍ଯ୍ୟନ୍ତ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଜମା ଆକାରରେ ସଂଗ୍ରହ କରାଯାଇଥିଲା। ଦେବେନ୍ଦ୍ର କୁମାର ନାୟକ ନାମକ ଜମାକାରୀ ଆକାଶ ଇଣ୍ଡିଆ କମ୍ପ୍ଲେକ୍ସ ଚିଟ୍‌ଫଣ୍ଡ ସଂସ୍ଥାରେ ଲକ୍ଷାଧିକ ଟଙ୍କା ଜମା ରଖିଥିଲେ। ତେବେ ତାଙ୍କ ଟଙ୍କା ଫେରସ୍ତ ହେବା ସମୟ ବେଳକୁ ସଂସ୍ଥା ଉଭାନ ହୋଇଯାଇଥିଲା। ଦେବେନ୍ଦ୍ର ଠକେଇର ଶିକାର ହୋଇଥିବା ଜାଣିବା ପରେ ଏ ନେଇ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏକ କେସ୍ (ନଂ. ୮/୧୭) ରୁଜୁ କରି ତଦନ୍ତ ଜାରି ରଖିଥିଲା। ୨୦୧୭ ମେ ୬ରେ ଆକାଶ ଇଣ୍ଡିଆ କମ୍ପ୍ଲେକ୍ସ ସଂସ୍ଥାର ଏମ୍‌ଡି ତଥା ଆକାଶଦୀପ ସମବାୟ ସମିତି ସଭାପତି କେଦାରନାଥ ସାହୁଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ପୂର୍ବରୁ ଆକାଶଦୀପ ସମବାୟ ସମିତିର ୭ ଏକର ଜମିକୁ ଜବତ କରାଯାଇଥିଲା।

■ ନାବାଳିକା ଅପହରଣ ଘଟଣା

# ବୋଲେରୋ ଜବତ, ଚାଳକ ଅଟକ

ଖଣ୍ଡପଡ଼ା,୨୬।୭(ସ୍ୱ.ପ୍ର.)



ଖଣ୍ଡପଡ଼ା ଥାନା କଣ୍ଟିଲୋ ଫାଣ୍ଡି ଅନ୍ତର୍ଗତ ରାଜକିଆରୀ ଛକରୁ ନାବାଳିକା ଅପହରଣ ଘଟଣାର ୩ଦିନ ପରେ ଶୁକ୍ରବାର ପୋଲିସ ଅପହରଣକାରୀ ବ୍ୟବହାର କରିଥିବା ବୋଲେରୋ ଜବତ କରିବା ସହ ଗାଡି ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଯେ, ବୌଦ୍ଧ ଜିଲା ନୂଆପଡା ଅଞ୍ଚଳର ଜଣେ ନାବାଳିକା ପରିବାର ସହ କଟକ ଜିଲା କାନପୁର ଥାନା ଅନ୍ତର୍ଗତ ପଦାମାଳ ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଗତ ୨୪ତାରିଖ ସକାଳ ୫ଟାରେ ସେ ତାଙ୍କ ଦାଦା ଓ ପିଉସୀଙ୍କ ସହ ବୌଦ୍ଧ ଯିବା ନିମନ୍ତେ କଣ୍ଟିଲୋ-ଗଣିଆ ରାସ୍ତାର ରାଜକିଆରୀ ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ୩ ଜଣ ଯୁବକ ବୋଲେରୋ ଯୋଗେ ସେଠାରେ ପହଞ୍ଚି ପରିବାର ବର୍ଗଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ନାବାଳିକାଙ୍କ ଦାଦା ମନମୋହନ ରାଉତ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୩୯/୧୯ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା । ଶୁକ୍ରବାର ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ବେଣାଗାଡିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ଗ୍ରାମରେ ଚଢାଉ କରି ଘଟଣାରେ ବ୍ୟବହାର ହୋଇଥିବା ବୋଲେରୋ (ନଂ-ଓଡି୩୩ଏ-୦୨୮୦) ଜବତ କରିବା ସହ ଚାଳକ ସୂର୍ଯ୍ୟକାନ୍ତ ସିଠ୍ ଓ ଅନ୍ୟ ଜଣଙ୍କୁ ଥାନାରେ ରଖି ପଚରାଉଚରା କରୁଥିବା ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଆଇଆଇସି ବିମଳ ମଲ୍ଲିକ କହିଛନ୍ତି।

■ ସମସ୍ୟା ଭିତରେ ଖୋଲିଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ

# ନିଜସ୍ୱ କୋଠାକୁ ସ୍ଥାନାନ୍ତର ହେଉନି ସ୍କୁଲ

ଓଡ଼ଗାଁ,୨୬।୭(ସ୍ୱ.ପ୍ର.)




ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ଶା ଆଦର୍ଶ ବିଦ୍ୟାଳୟ ପ୍ରକଳ୍ପ ରାଜ୍ୟର କେତେକ ବ୍ଲକରେ କାର୍ଯ୍ୟକାରୀ ହୋଇଛି । ସେଥିମଧ୍ୟରୁ ନୟାଗଡ ଜିଲା ଓଡ଼ଗାଁ ବ୍ଲକରେ ଅନ୍ୟତମ। ଚଳିତ ଶିକ୍ଷା ବର୍ଷ ଠାରୁ ଏହା ଆରମ୍ଭ ହୋଇଛି। ହେଲେ ନିଜସ୍ୱ କୋଠା ଥିବା ସତ୍ତ୍ୱେ ଉକ୍ତ ବିଦ୍ୟାଳୟର ପିଲାମାନଙ୍କୁ ସ୍ଥାନୀୟ ରଘୁନାଥ ବିଦ୍ୟାପୀଠରେ ଶିକ୍ଷାଦାନ କରାଯାଉଛି। ନିକଟସ୍ଥ ଆଖୁପଦର ଠାରେ ଆଦର୍ଶ ବିଦ୍ୟାଳୟ ନିମନ୍ତେ ୩୦ କୋଠରି ବିଶିଷ୍ଟ ୨ ମହଲା କୋଠା ଘର ୩ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍କୁଲ କୋଠା ହସ୍ତାନ୍ତର କରାଯାଇଛି । ହେଲେ ଏ ଯାବତ୍ ନିଜସ୍ୱ କୋଠାରେ ଶିକ୍ଷା ଦାନ କରାଯାଉ ନଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଚଳିତ ବର୍ଷ ଅଷ୍ଟମ ଶ୍ରେଣୀରେ ସମୁଦାୟ ୮୦ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ସେମାନଙ୍କୁ ୨ଟି ବିଭାଗ ପରିବର୍ତ୍ତେ ଗୋଟିଏ ଶ୍ରେଣୀରେ ଶିକ୍ଷାଦାନ କରାଯାଉଥିବା ଦେଖିବାକୁ ମିଳିଥିଲା । ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିଲା ବେଳେ ଏଯାବତ୍ ଆଦର୍ଶ ବିଦ୍ୟାଳୟ ନିମନ୍ତେ ଜଣେ ହେଲେ ଶିକ୍ଷକ କିମ୍ବା ଶିକ୍ଷା କର୍ମଚାରୀଙ୍କୁ ପୋଷ୍ଟିଂ କରାଯାଇନାହିଁ। ଫଳରେ ଡିଇଓ ଓ ବିଇଓଙ୍କ ନିର୍ଦ୍ଦେଶାନୁସାରେ ନିକଟସ୍ଥ କେତେକ ସ୍କୁଲରୁ ଶିକ୍ଷକମାନେ ଆସି ପିଲାଙ୍କୁ ଶିକ୍ଷାଦାନ କରୁଥିବା ଜଣାଯାଇଛି। ଅନ୍ୟପକ୍ଷେ ସ୍ଥାନୀୟ ବାଳିକା ହାଇସ୍କୁଲ ଓ ରଘୁନାଥ ବିଦ୍ୟାପୀଠରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସଂଖ୍ୟା କମ୍ ଥିବାରୁ ସେଠାରୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଏଠାରେ ଆସି ଶିକ୍ଷା ଦାନ କରିବାଦ୍ୱାରା ସେମାନଙ୍କ ସ୍କୁଲରେ ପିଲାଙ୍କ ଶିକ୍ଷାଦାନରେ ଅସୁବିଧା ଦେଖା ଦେଉଛି । ହେଲେ ସ୍ୱର୍ଗକୁ ନିଶୁଣି ନାହିଁ ବଡଙ୍କୁ ଉତ୍ତର ନାହିଁ ନୀତିରେ ସେମାନେ ବାଧ୍ୟବାଧକତାରେ ଆସି ପାଠ ପଢାଇ ଯାଉଥିବା ପ୍ରକାଶ କରିଛନ୍ତି । ଏହା ସହିତ ଏଠାରେ ସ୍ଥାନୀୟ ବ୍ଲକ ବ୍ୟତୀତ ନୂଆଗାଁ ବ୍ଲକର କେତେକ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଛାତ୍ରାବାସ ନ ଥିବାରୁ ପିଲାମାନେ ପ୍ରତିଦିନ ମାରୁତି ଭ୍ୟାନରେ ଯିବା ଆସିବା କରୁଛନ୍ତି । ଏଥି ନିମନ୍ତେ ସେମାନେ ଜଣ ପିଛା ମାସିକ ୧୫ ଶହରୁ ୧୮ ଶହ ଟଙ୍କା ଭଡା ବାବଦକୁ ଦେଉଛନ୍ତି । ଏହା ସହିତ ସ୍ଥାନୀୟ ହାଇସ୍କୁଲରେ ପଢୁଥିବା ଏହି ବିଦ୍ୟାଳୟର ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇବାକୁ ନିକଟସ୍ଥ ମଧ୍ୟ ଇଂରାଜୀ ସ୍କୁଲକୁ ଯାଉଥିବା ବେଳେ ଆଉ କେତେକ ସ୍କୁଲ ପରିସରରେ ବେଆଇନ ଭାବେ ବିକ୍ରି ହେଉଥିବା ଫାଷ୍ଟଫୁଡ୍ ଖାଉଥିବା ଦେଖିବାକୁ ମିଳିଥିଲା। ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଥିବା ଆଦର୍ଶ ବିଦ୍ୟାଳୟର ଅବ୍ୟବସ୍ଥା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏହାକୁ ରାଜ୍ୟ ସରକାରଙ୍କ ବ୍ରେନ ଚାଇଲ୍ଡ (ମାନସ ସନ୍ତାନ) ବୋଲି ଅଭିହିତ କରିବା ସହିତ ଆଗାମୀ ମାସକ ମଧ୍ୟରେ ତିନିଜଣ ଶିକ୍ଷକଙ୍କ ନିଯୁକ୍ତି ହେବାର ସମ୍ଭାବନା ଥିବା ପ୍ରକାଶ କରିଥିଲେ। ବିଦ୍ୟାଳୟ ନିମନ୍ତେ ଆବଶ୍ୟକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସି ନ ଥିବା ଏବଂ ସ୍କୁଲ ଉଦ୍‌ଘାଟନ ନିମନ୍ତେ ଦିନ ଧାର୍ଯ୍ୟ ହୋଇ ନ ଥିବା କାରଣରୁ ସ୍କୁଲ ନିଜସ୍ୱ କୋଠାକୁ ଯିବାରେ ବିଳମ୍ବ ହେଉଥିବା ପ୍ରକାଶ କରିଥିଲେ । ବିଦ୍ୟାଳୟର ଅବ୍ୟବସ୍ଥା ସମ୍ପର୍କରେ ସେ କହନ୍ତି, ସରକାରୀ ଆଦେଶନାମାକୁ କାର୍ଯ୍ୟକାରୀ କରାଯାଉଛି। ହେଲେ ବିକଳ୍ପ ଯୋଗାଡ ହେବାଯାଏଁ ପ୍ରଥମ ବର୍ଷ କାରଣରୁ ଏହିଭଳି କେତେକ ଅସୁବିଧାକୁ ଅଣଦେଖା କରିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ ।

■ ପକ୍କାଘର କରାଇଦେବାକୁ କହି ମହିଳାଙ୍କୁ ଠକେଇ ଘଟଣା

# ମାସେ ପରେ ବି ପୋଲିସ ହାତ ଖାଲି

ନୟାଗଡ଼ ଅଫିସ, ୨୬।୭

**କାର୍ଯ୍ୟାଳୟ ପରିସରରେ ଲାଗିଲା ସଚେତନତା ବୋର୍ଡ**




ଜିଲାପାଳଙ୍କ କାର୍ଯ୍ୟାଳୟରେ ସଚେତନତା ବୋର୍ଡ ଲଗାଯାଇଛି ।

ଗତ ମାସ ୨୫ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜଣେ ଯୁବକ ମହିଳାଙ୍କୁ ପକ୍କା ଘର କରାଇଦେବାକୁ କହି ସୁନା ଚେନ୍ ଓ ଟଙ୍କା ଠକି ନେଇ ଫେରାର୍ ହୋଇଯିବା ଘଟଣାକୁ ମାସେ ପୂରିଲାଣି। ହେଲେ ନୟାଗଡ଼ ଟାଉନ ପୋଲିସ ଏ ପର୍ଯ୍ୟନ୍ତ ଯୁବକ ଜଣଙ୍କର ପତ୍ତା ପାଇନାହିଁ। ଅନ୍ୟପକ୍ଷେ ଯେପରି ପୁନର୍ବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ଘଟଣା ନ ଘଟିବ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଲୋକମାନେ ସଚେତନ ହେବା ପାଇଁ ବୋର୍ଡ ମରାଯାଇଛି। ବୋର୍ଡରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଯେପରିକି ପକ୍କାଘର, ଭତ୍ତା, ଜମିପଟ୍ଟା ଆଦି ବିଭିନ୍ନ ଯୋଜନା ବିଷୟରେ ଜାଣିବାକୁ ହେଲେ ସିଧାସଳଖ ସମ୍ପୃକ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। କୌଣସି ଦଲାଲ୍‌ଙ୍କ କଥାରେ ଭରସା ନ କରିବା ସହିତ ସେମାନଙ୍କୁ ଟଙ୍କା ନ ଦେବା ପାଇଁ ଦର୍ଶାଯାଇଛି। ଯଦି କେହି ସରକାରୀ ଯୋଜନା ପାଇଁ ଟଙ୍କା ମାଗନ୍ତି, ତାହା ହେଲେ ତୁରନ୍ତ ଜିଲାପାଳଙ୍କୁ ଅବଗତ କରାଇବା ପାଇଁ ବୋର୍ଡରେ ଦର୍ଶାଯାଇଛି। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

ପ୍ରକାଶ ଯେ, ଗତ ମାସ ୨୫ ତାରିଖରେ ରଣପୁର ବ୍ଲକ ବାରଙ୍ଗଗାଡ଼ିଆ ଗ୍ରାମରେ ମମତା ଛୁଆଳସିଂଙ୍କ ଘରେ ଜଣେ ଯୁବକ ପହଞ୍ଚି ନିଜ ଗ୍ରାମ ଏକତାଳରେ ବୋଲି କହିବା ସହ ମମତାଙ୍କ ବିଜୁ ପକ୍କା ଘର ଯୋଜନାରେ କୋଠାଘର ଆସିଥିବା କହିଥିଲେ। ଘର କରିବା ପାଇଁ ତୁମକୁ ୨ ଲକ୍ଷ ୩୦ ହଜାର ଟଙ୍କା ମିଳିବ। ଆଉ ସେଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ କିଛି ଟଙ୍କା ଲାଞ୍ଚ ଦେବାକୁ ପଡ଼ିବ ବୋଲି କହିଥିଲେ। ଏହା ପରେ ମମତା କେତେ ଟଙ୍କା ପଚାରିବାରୁ ଯୁବକ ଜଣଙ୍କ ୨୦ରୁ ୩୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ତାଙ୍କ ପାଖରେ ଏତେ ଟଙ୍କାନାହିଁ ବୋଲି ମମତା କହିବାରୁ ତୁମ ପାଖରେ ଯେତେ ଟଙ୍କା ଅଛି ଆଣ ଆଉ କିଛି ସୁନା ଜିନିଷ ଦିଅ ତାକୁ ବିକ୍ରି କରି ଟଙ୍କା ଦେବା ବୋଲି ଯୁବକ କହିଥିଲେ। ପରେ ମମତା ଓ ତାଙ୍କ ଝିଅ ଚୁଲବୁଲି ଯୁବକଙ୍କ ବାଇକ୍‌ରେ ବସି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପଡ଼ିଥିବା ବେଞ୍ଚରେ ବସି ଯୁବକ ଜଣଙ୍କ ଚୁଲବୁଲିଙ୍କୁ ରାଶନ କାର୍ଡ ଓ ଭୋଟର କାର୍ଡର ଜେରକ୍ସ କରି ଆଣିବା ପାଇଁ କହିଥିଲେ। ଝିଅ ଜେରକ୍ସ କରିବା ପାଇଁ ବଜାରକୁ ଆସିଥିଲେ। ଏହି ସମୟରେ ଯୁବକ ଜଣଙ୍କ ମମତାଙ୍କୁ ଟଙ୍କା ଓ ସୁନାଚେନ୍ ଦେବାକୁ କହିଥିଲେ। ମମତା ତାଙ୍କ ପାଖରେ ଥିବା ୩୨୦୦ ଟଙ୍କା ଓ ପାଖାପାଖି ୧.୫ ଭରି ଓଜନର ସୁନାଚେନ୍‌କୁ ଯୁବକଙ୍କ ହାତକୁ ବଢାଇ ଦେବାରୁ ତାକୁ ନେଇ ଯୁବକ ଫେରାର୍ ହୋଇ ଯାଇଥିଲେ। ଯୁବକଙ୍କୁ ଅପେକ୍ଷା କରି ନ ପାଇବାରୁ ସେ ଠକାମିର ଶିକାର ହୋଇଥିବା ଜାଣିପାରିଥିଲେ। ଏ ନେଇ ମମତା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନାରେ ଏକ ମାମଲା ରୁଜୁ କରି ୨୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଯୁବକଙ୍କର ସିସିଟିଭି ଫୁଟେଜ ଆଣିଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ପୋଲିସ ଯୁବକଙ୍କୁ ଧରିବାରେ ସଫଳ ହୋଇପାରିନାହିଁ।

## କାର ଚୋରି ଅଭିଯୋଗ: ୩ ଗିରଫ

ପାତ୍ରପଡା,୨୬।୭(ଡି.ଏନ.ଏ.)

ଖଣ୍ଡଗିରି ଥାନା ଅଞ୍ଚଳରୁ ଜଣେ ବ୍ୟକ୍ତି ଘରୁ କାର ଚୋରି ଅଭିଯୋଗରେ ପୋଲିସ ୩ ଜଣ ଦୁର୍ବୃତ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ସେମାନେ ହେଲେ ନୟାଗଡ ଜିଲା ଶରଣକୁଳ ଅଞ୍ଚଳର ସନ୍ତୋଷ ସାହୁ(୨୭), ଗଣିଆ ଥାନା ଅଞ୍ଚଳର ସୁଜନ ବେହେରା(୨୪) ଓ ପ୍ରଶାନ୍ତ ଡାକୁଆ(୨୨)। ପୋଲିସ ସେମାନଙ୍କଠାରୁ ଚୋରି କାର ସହ ଏକ ବାଇକ୍ ଜବତ କରିଛି। ସୂଚନାଯୋଗ୍ୟ ଖଣ୍ଡଗିରି ବାରି ଅଞ୍ଚଳରେ ରହୁଥିବା ଦିନେଶ କୁମାର ମିଶ୍ର ରୁହନ୍ତି। ୨୫ ତାରିଖ ରାତିରେ ତାଙ୍କ ଘର ଗେଟ ତାଲା ଭାଙ୍ଗି ଟ୍ରାଭେରା ଗାଡି (ନଂ.ଓଡି ୦୨ ଆର ୨୫୨୨)କୁ ଦୁର୍ବୃତ୍ତ ଚୋରି କରି ନେଇଥିଲେ।

## ସିନ୍ଦୂରିଆ ବିଦ୍ୟାଳୟରେ ଚାରାରୋପଣ

ନୟାଗଡ଼ ଅଫିସ,୨୬।୭

ନୟାଗଡ଼ ସହର ନିକଟସ୍ଥ ସିନ୍ଦୂରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଫରେଷ୍ଟର ସୁବ୍ରତ ଜାନିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଫରେଷ୍ଟଗାର୍ଡ ସୁମନ୍ତ ପାଇକରାୟ ଓ ପ୍ରଫୁଲ୍ଲ ପ୍ରଧାନ ସହଯୋଗ କରିଥିଲେ। ମୈତ୍ରୀ ଯୁବ ସଂସଦର ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଚାରାରୋପଣର ଉପକାରିତା ବିଷୟରେ କହିଥିଲେ। ସେହିପରି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହାସିମ ଖାଁ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରି ଏହାର ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ।

## ଉପକାରାଗାର ସ୍ଥାନାନ୍ତର ଘଟଣା :ବିଧାୟକଙ୍କ ପ୍ରତିଶ୍ରୁତି ପରେ ଗଣଧାରଣା ସ୍ଥଗିତ

ଦଶପଲ୍ଲା,୨୬।୭(ଡି.ଏନ.ଏ.)

ଦଶପଲ୍ଲା ଉପକାରାଗାର ସ୍ଥାନାନ୍ତରକୁ ନେଇ ଚାଲିଥିବା ଗଣଧାରଣା ବିଧାୟକଙ୍କ ପ୍ରତିଶ୍ରୁତି ପରେ ସ୍ଥଗିତ ରଖାଯାଇଛି। ସ୍ଥାନାନ୍ତରକୁ ପ୍ରତିବାଦ କରି ଦଶପଲ୍ଲା ଜେଲ ସୁରକ୍ଷା କମିଟି ପକ୍ଷରୁ ଚଳିତ ମାସ ୧୫ ତାରିଖ ଠାରୁ ଦଶପଲ୍ଲା ବନ୍ଦ ସହ ଉପକାରାଗାର ଫାଟକ ସମ୍ମୁଖରେ ଗଣଧାରଣା ଜାରି ରହିଥିଲା । ଧାରଣାର ୧୧ ଦିନରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ସେଠାରେ ପହଞ୍ଚି ଜେଲ ସ୍ଥାନାନ୍ତର ଏବେ ହେବନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି । ଏପରିକି ରାଜ୍ୟ ସରକାରଙ୍କର ନିଷ୍ପତ୍ତିକ୍ରମେ ୧୮ଟି ଜେଲକୁ ସ୍ଥାନାନ୍ତର ପାଇଁ ଥିବା ପ୍ରସ୍ତାବ କାର୍ଯ୍ୟକାରୀ ହେବା ପରେ ଶେଷରେ ଦଶପଲ୍ଲା ସବ୍‌ଜେଲ ସ୍ଥାନାନ୍ତର ହେବ ବୋଲି ବିଧାୟକ କହିଥିଲେ।

## କମ୍ ବର୍ଷା: ତଳି ରୁଆ କାର୍ଯ୍ୟରେ ବାଧା

ବୋଲଗଡ଼,୨୬।୭(ଡି.ଏନ.ଏ.)



ଧାନ ଜମି ଶୁଖିଲା ପଡ଼ିଛି।

ଚଳିତ ବର୍ଷ ଏପର୍ଯ୍ୟନ୍ତ କମ୍ ପରିମାଣରେ ବର୍ଷା ଧାନଚାଷରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଜଳାଭାବରୁ ରୁଆ ପୋତା ପାଇଁ ମଧ୍ୟ ଜମି ପ୍ରସ୍ତୁତି ହୋଇପାରୁନାହିଁ । ତଳି ପକାଯାଇଥିବା ଜମିରେ ଯଥେଷ୍ଟ ପରିମାଣର ଜଳ ନ ଥିବାରୁ ଚାଷୀମାନେ ପମ୍ପ୍ ଦ୍ୱାରା ତଳିଜମିକୁ ପାଣି ବୁହାଉଥିବା ଜଣାପଡ଼ିଛି । ଗତ ୨ ଦିନ ମଧ୍ୟରେ ଅଳ୍ପ ପରିମାଣର ବର୍ଷା ହୋଇଥିବାବେଳେ ଏହା ଚାଷୀଙ୍କ ପ୍ରତି ସେତେଟା ଭରସା ଯୋଗାଇ ପାରୁନାହିଁ। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳର ଚାଷୀମାନେ ଖରିଫ ଧାନଫସଲ ନିମନ୍ତେ ସର୍ବଦା ମୌସୁମୀ ବର୍ଷାକୁ ହିଁ ଭରସା କରିଥାନ୍ତି । ସୂଚନାଯୋଗ୍ୟ, ଚଳିତ ବର୍ଷ ମୌସୁମୀ ବର୍ଷାକୁ ଅପେକ୍ଷା କରି ଜୁଲାଇ ଶେଷହେବାକୁ ଗଲାଣି। ତେବେ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ ଯଦି ଆଗାମୀ ଦିନେ ୨ ଦିନ ମଧ୍ୟରେ ଭଲ ବର୍ଷା ହୁଏ, ଧାନ ଫସଲର ପୂର୍ବ ପ୍ରସ୍ତୁତି ନିମନ୍ତେ ଚାଷୀମାନେ ଆଗଭର ହେବେ। ନଚେତ ଆଶା ଓ ଆଶଙ୍କା ମଧ୍ୟରେ ରହି ଭବିଷ୍ୟତକୁ ଅପେକ୍ଷା କରିବେ ଚାଷୀ ଭାଇମାନେ। ଶ୍ରାବଣ ମାସରେ ଗୋଟିଏ ଦିନ ମଧ୍ୟ ବର୍ଷା ନ ହେଲେ ଧାନ ଫସଲରେ କ୍ଷତି ହେବାର ଆଶଙ୍କା ରହିଥାଏ ବୋଲି ଲୋକମତରେ ପ୍ରକାଶ।

ଜୁନ ମାସରେ ଭଲ ବର୍ଷା ହୋଇ ନ ଥିଲା । ଏବେ ଭଲ ବର୍ଷା ହେଲେ ଚାଷ କାର୍ଯ୍ୟ ଆଗେଇନେବା ସହ ପୂର୍ବ ପ୍ରତିକୂଳ ପାଗକୁ କୃଷକ ଭୁଲିଯିବ। ସୂଚନାଯୋଗ୍ୟ, ଗତ ୨ବର୍ଷ ଧରି ଏହି ବ୍ଲକ ଅଞ୍ଚଳରେ ଜୁନ୍ ମାସରେ ବର୍ଷା ନ ହେବାରୁ ଚାଷକାର୍ଯ୍ୟ ବିଳମ୍ବ ହୋଇଥିଲା । ପରେ ମରୁଡି ଏବଂ ରୋଗପୋକ ଆକ୍ରମଣରେ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ଚଳିତ ବର୍ଷ ମଧ୍ୟ ଠିକ୍ ସମୟରେ ଜଳାଭାବ ଦେଖାଦେଇଛି। ତେଣୁ ଆଗାମୀ ୨ ଦିନ ମଧ୍ୟରେ ଯଦି ପାଣିପାଗ ବିଭାଗର ସୂଚନା ଅନୁସାରେ ଭଲ ବର୍ଷା ନ ହୁଏ ଚାଷ ବାଧାପ୍ରାପ୍ତ ହେବା ସହ ଆଶଙ୍କା ଓ ଅନିଶ୍ଚିତତା ମଧ୍ୟରେ ଚାଷୀଭାଇ ଦିନ ବିତାଇବେ। ସୂଚନାଯୋଗ୍ୟ, ଚଳିତ ବର୍ଷ ଏହି ବ୍ଲକ ଅଞ୍ଚଳରେ ୧୪ ହଜାର ୪ଶହ ୭୭ ହେକ୍ଟର ଜମିରେ ଧାନଚାଷ କରାଯିବାକୁ କୃଷି କାର୍ଯ୍ୟାଳୟ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ରହିଛି। କେବଳ ମୌସୁମୀ ଉପରେ ନିର୍ଭରଶୀଳ ହୋଇପଡ଼ିବାରୁ ଭଲ ଫସଲ ଉତ୍ପାଦନ ନେଇ ଚାଷୀ ଭରସା କରିପାରୁନାହାନ୍ତି।

ଧାନଚାଷ ସମ୍ପର୍କରେ ବୋଲଗଡ଼ କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ର କହିଛନ୍ତି, ଚଳିତ ଜୁଲାଇ ମାସରେ ବୋଲଗଡ ବ୍ଲକ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି । ଆଗକୁ ଭଲ ବର୍ଷା ହେବାର ଆଶା ରହିଛି । ସର୍ବେକ୍ଷଣରୁ ମିଳିଥିବା ସୂଚନା ଅନୁସାରେ ନିଅଣ୍ଟିଆ ବର୍ଷା କାରଣରୁ ବ୍ଲକ ଅଞ୍ଚଳର ପ୍ରାୟ ୬ ହଜାର ହେକ୍ଟର ଧାନବୁଣା ଜମିରେ ବେଉଷଣ କାର୍ଯ୍ୟ ଆଗେଇ ପାରିନାହିଁ । ସେହିପରି ଧାନ ରୁଆ ପାଇଁ ଲକ୍ଷ୍ୟ ରଖାଯାଇଥିବା ମୋଟ ୩ ହଜାର ୨ଶହ ହେକ୍ଟର ଜମି ମଧ୍ୟରୁ ବର୍ଷା ଅଭାବ ଯୋଗୁ ମାତ୍ର ୩୦ହେକ୍ଟର ଜମିରେ ରୁଆ କାର୍ଯ୍ୟ ହୋଇପାରିଛି। କୃଷି କର୍ମଚାରୀମାନେ ସବୁବେଳେ ଚାଷଜମି ପରିଦର୍ଶନ କରିବା ସହିତ ଚାଷୀମାନଙ୍କୁ ବୈଷୟିକ ପରାମର୍ଶ ଦେଉଛନ୍ତି ବୋଲି ମିଶ୍ର ସୂଚନା ଦେଇଥିଲେ। ତେବେ ଅନିଶ୍ଚିତ ମୌସୁମିକୁ ସମ୍ପୂର୍ଣ୍ଣ ଭରସା ନ କରି ଚାଷ କାର୍ଯ୍ୟ ନିମନ୍ତେ ବ୍ଲକ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ଉପରେ ସରକାର ଗୁରୁତ୍ୱ ଦେବାକୁ ଚାଷୀମାନେ ଦାବି କରୁଛନ୍ତି ।

# ସରକାରୀ ଅନୁଦାନରୁ ବଞ୍ଚିତ ୩ ହାଇସ୍କୁଲ

ରଣପୁର,୨୬।୭ (ସ୍ୱ.ପ୍ର.)

**ରଣପୁର ବ୍ଲକ**

■ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ

ସରକାର ଶିକ୍ଷାର ଉନ୍ନତୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଠିକ୍ ଭାବେ ସମୀକ୍ଷା ହେଉ ନ ଥିବାରୁ ଛାତ୍ରୀଛାତ୍ର ଏହାର ସୁଫଳ ପାଇପାରୁନାହାନ୍ତି। କିଛି ସ୍ଥାନରେ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ମଧ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ଯୋଗୁ ଉପେକ୍ଷିତ ହୋଇ ରହିଯାଉଛନ୍ତି। ଏହାର ନଜିର ନୟାଗଡ଼ ଜିଲା ରଣପୁର ବ୍ଲକରେ ଥିବା ୩ ହାଇସ୍କୁଲ କ୍ଷେତ୍ରରେ ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟଗୁଡିକ ହେଲା ବନ୍ଧମୁଣ୍ଡା ପଞ୍ଚାୟତର ଶଙ୍ଖଯୋଡି ହାଇସ୍କୁଲ, ତାଳକଣୀ ପଞ୍ଚାୟତ ହାଇସ୍କୁଲ ଓ ଜଙ୍କିଆ ପଞ୍ଚାୟତର ବାଙ୍କନିଧି ଦେବ ବିଦ୍ୟାପୀଠ। ୨୦୧୩ମସିହାରେ ସରକାର ପ୍ରତ୍ୟେକ ପଞ୍ଚାୟତରେ ଥିବା ହାଇସ୍କୁଲକୁ ଅନୁଦାନ ପ୍ରଦାନ ସହ କର୍ମଚାରୀ ଓ ଶିକ୍ଷକ ତଥା ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତ ସୁବିଧା ଦେଇଆସୁଛନ୍ତି। ହେଲେ ଉପରୋକ୍ତ ୩ ବିଦ୍ୟାଳୟ ଏହିସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ସ୍ଥାନୀୟ ବିଧାୟକ ବିଧାନସଭାରେ ପ୍ରଶ୍ନ କରିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଏଥିପ୍ରତି ଆନ୍ତରିକତା ଥିବା ଦେଖିବାକୁ ମିଳୁନି । ଆଗାମୀ ଦିନରେ ଯଦି ସରକାର ଏହି ବିଦ୍ୟାଳୟଗୁଡିକୁ ଅନୁଦାନ (ଗ୍ରାଣ୍ଟ-ଇନ୍-ଏଡ୍) ପ୍ରଦାନ ନ କରନ୍ତି ତେବେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି।

ରଣପୁର ବ୍ଲକରେ ୪୫ ହାଇସ୍କୁଲ ରହିଥିଲା ବେଳେ ୩ଟି ହାଇସ୍କୁଲକୁ ସରକାର ଅନୁଦାନ ପ୍ରଦାନ କରିନାହାନ୍ତି। ସେଥିମଧ୍ୟରୁ ଜଙ୍କିଆ ପଞ୍ଚାୟତର ଥିବା ବାଙ୍କନିଧି ଦେବ ବିଦ୍ୟାପୀଠ ଅନ୍ୟତମ। ପୂର୍ବରୁ ଆଖପାଖ ଗ୍ରାମର ପିଲାମାନେ ପାଠ ପଢିବା ପାଇଁ ପଞ୍ଚାୟତଠାରୁ ୪ରୁ ୫ କିଲୋମିଟର ଦୂର ମୟୂରଝାଲିଆ ହାଇସ୍କୁଲକୁ ଯାଉଥିଲେ। ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତବାସୀ ୨୦୦୪ରେ ୫ଏକର ଜମି ବିଦ୍ୟାଳୟ ନାମରେ କରି ଚାନ୍ଦା ଆଦାୟ କରି ୨୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ବାଙ୍କନିଧି ବିଦ୍ୟାପୀଠ ପ୍ରତିଷ୍ଠା କରିଥିଲେ। ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ହାଇସ୍କୁଲରେ ୮ଜଣ ଶିକ୍ଷକ, ୩ଜଣ ପିଅନ, ଜଣେ କିରାଣି ଓ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଗତ ୭ବର୍ଷ ହେବ ପ୍ରତ୍ୟେକ ବର୍ଷ ମାଟ୍ରିକ ପରୀକ୍ଷାରେ ଏହି ବିଦ୍ୟାଳୟ ଶତକଡା ଶହେ ଭାଗ ଛାତ୍ରୀଛାତ୍ର ପାସ୍ କରିଆସୁଛନ୍ତି। ଏହି ବିଦ୍ୟାଳୟକୁ ଓସ୍ତପଡା, କୃଷ୍ଣଚନ୍ଦ୍ରପୁର, ଅରିସଲ ଗ୍ରାମର ପିଲାମାନେ ପଢିବାକୁ ଆସନ୍ତି। ଅଧିକାଂଶ ଛାତ୍ରୀଛାତ୍ର ଗରିବ ପରିବାରର ହୋଇଥିଲେ ମଧ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଶିକ୍ଷକ ଓ କର୍ମଚାରୀମାନେ ବିନା ବେତନରେ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ସହିତ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି। ରାଜ୍ୟ ସରକାର ୨୦୧୩ରେ ବିଭିନ୍ନ ବେସରକାରୀ ବିଦ୍ୟାଳୟକୁ ଗ୍ରାଣ୍ଟ-ଇନ୍-ଏଡ୍ ପ୍ରଦାନ କରିଥିଲା ବେଳେ ଏହି ୩ ହାଇସ୍କୁଲକୁ ଏଥିରୁ ବାଦ୍ ରଖିଥିଲେ । ଫଳରେ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧକାର ଭିତରେ ଗତି କରୁଛି। ଏ ସମ୍ପର୍କରେ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଶିବ ଶଙ୍କର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ଏହି ବିଦ୍ୟାଳୟର ସମସ୍ତ କାଗଜପତ୍ର ଓ ଛାତ୍ର ଉପସ୍ଥାପନ ଠିକ୍ ଥିବାବେଳେ କ'ଣ ପାଇଁ ଅନୁଦାନ ପ୍ରଦାନ କରାଯାଉନାହିଁ ସେକଥା ସରକାର କହିପାରିବେ। ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ କୁହନ୍ତି, ଏ ବିଷୟରେ ବିଧାନସଭାରେ ଗତ ୧୭ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲି, ସେ କହିଥିଲେ ବ୍ୟବସ୍ଥା ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇ ନ ଥିବାରୁ ଏହି ବିଦ୍ୟାଳୟଗୁଡିକ ଅନୁଦାନ ପରିସରଭୁକ୍ତ ହୋଇନାହିଁ । ବିଦ୍ୟାଳୟ କମିଟି ସଭ୍ୟ ଭରତ ସାହୁ କୁହନ୍ତି, ଦୀର୍ଘ ୧୫ବର୍ଷ ହେବ ବହୁ କଷ୍ଟକରି ପଞ୍ଚାୟତବାସୀ ଏହି ବିଦ୍ୟାଳୟକୁ ଠିଆ କରିଛୁ। ବିଦ୍ୟାଳୟର ସମସ୍ତ କାଗଜପତ୍ର, ଜମି, କୋଠାଘର, ଖେଳ ପଡିଆ ସହିତ ଶିକ୍ଷକ ଓ କର୍ମଚାରୀ ଠିକ୍ ଥିଲା ବେଳେ ସରକାର ଅନୁଦାନ ପ୍ରଦାନ ନ କରିବା ପରିତାପର ବିଷୟ । ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର କୁମାର ହୋତା କୁହନ୍ତି, ବିନା ଦରମାରେ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ପାଠ ପଢାଇଆସୁଛୁ। ଅନୁଦାନ ମିଳୁ ନ ଥିବାରୁ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଛୁ ।